ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.151 Bhubaneswar Sunday July 31 2022 ୨୫ତମ ବର୍ଷ ସଂଖ୍ୟା–୧୫୧ ଭୁବନେଶ୍ୱର ରବିବାର, ଜୁଲାଇ ୩୧, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ଜିତିଲେ ମୀରବାଈ ଚାନୁ

ବର୍ମିଂହାମ,୩୦।୭(ପି.ଏନ): ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡାରେ ଭାରତକୁ ମିଳିଛି ପ୍ରଥମ ସ୍ୱର୍ଣ୍ଣ। ଟୋକିଓ ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତି ଭାରତକୁ ଗର୍ବିତ କରିଥିବା ମହିଳା ଭାରୋତ୍ତୋଳକ ମୀରାବାଈ ଚାନୁ ଏବେ ରାଜ୍ୟଗୋଷ୍ଠୀ କ୍ରୀଡାରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୪ ବର୍ଷ ତଳେ ଗୋଲ୍ଡକୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡାରେ ମଧ୍ୟ ଚାନୁ ଭାରତ ପାଇଁ ସ୍ୱର୍ଣ୍ଣ ଜିତିଥିଲେ। ଏଥର ମଧ୍ୟ ସେ ୪୯ କେଜି ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏଥିସହ ରାଜ୍ୟଗୋଷ୍ଠୀ କ୍ରୀଡାର ସ୍ନାଚ୍‌ରେ ସେ ରେକର୍ଡ ୮୮ କେଜି ଓଜନ ଉଠାଇଛନ୍ତି। ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ୮୭ କେଜି ଥିଲା। ହେଲେ ଆଜି ସେ ୮୮ କେଜି ଓଜନ ଉଠାଇଛନ୍ତି। ଉଭୟ ସ୍ନାଚ୍ ଓ କ୍ଲିନ ଆଣ୍ଡ ଜର୍କରେ ଚାନୁ ମୋଟ ୧୮୯ କେଜି ଓଜନ ଉଠାଇ ଭାରତର ଟେକ ରଖିଛନ୍ତି।ସ୍ନାଚ୍ ଇଭେଣ୍ଟରେ ଚାନୁ ପ୍ରଥମ ପ୍ରୟାସରେ ୮୪ କେଜି ଓଜନ ଉଠାଇଥିଲେ। ଏହାପରେ ସେ ୮୮ କେଜି ଓଜନକୁ ବେଶ ସହଜରେ ଲିଫ୍ଟ କରିଥିଲେ। କିନ୍ତୁ ତୃତୀୟ ପ୍ରୟାସରେ ସେ ୯୦ କେଜି ଓଜନ ଉଠାଇବାକୁ ଚେଷ୍ଟା କରି ଫେଲ ମାରିଥିଲେ। କିନ୍ତୁ ୮୮ କେଜି ଓଜନ ଉଠାଇ ସେ ଦ୍ୱିତୀୟ ସ୍ଥାନରେ କାନାଡାର ହାନା କାମିନସ୍କିଙ୍କ ଠାରୁ ଅଧିକ ୧୪ କେଜି ଉଠାଇବାର ରେକର୍ଡ କରିଥିଲେ।ଏହାପରେ କ୍ଲିନ ଆଣ୍ଡ ଜର୍କ ଇଭେଣ୍ଟ ଆରମ୍ଭ ହୋଇଥିଲା। ଏଥିରେ ମଧ୍ୟ ଚାନୁଙ୍କ ଦବଦବା ଦେଖିବାକୁ ମିଳିଥିଲା। ସେ ପ୍ରଥମ ପ୍ରୟାସରେ ଏକାଥରକେ ୧୦୯ କେଜି ଓଜନ ଉଠାଇ ସ୍ୱର୍ଣ୍ଣ ପଦକ ପକ୍କା କରିଥିଲେ। ପ୍ରଥମ ପ୍ରୟାସ ପରେ ଚାନୁଙ୍କ ମୋଟ ଓଜନର ପରିମାଣ(ସ୍ନାଚ୍ ୮୮ ଓ କ୍ଲିନ ଆଣ୍ଡ ଜର୍କ ୧୦୯) ୧୯୭ କେଜି ହୋଇ ଯାଇଥିଲା। ଦ୍ୱିତୀୟ ପ୍ରୟାସରେ ସେ ୧୧୩ କେଜି ଓଜନ ଉଠାଇବାକୁ ଚେଷ୍ଟା କରିଥିଲେ। ଏହାକୁ ମଧ୍ୟ ସଫଳ କରି ଦେଖାଇଥିଲେ। ମୋଟ ଓଜନର ପରିମାଣ ୨୦୧ କେଜି ହୋଇ ଯାଇଥିଲା। ତୃତୀୟ ପ୍ରୟାସରେ ସେ ୧୧୫ କେଜି ଓଜନ ଉଠାଇବାକୁ ଚେଷ୍ଟା କରିଥିଲେ ହେଁ ଏଥିରେ ସଫଳତା ମିଳି ନଥିଲା। ତଥାପି ସେ ସ୍ୱର୍ଣ୍ଣ ପଦ ଜିତିବାକୁ ସକ୍ଷମ ହୋଇଥିଲେ।ଏହି ବର୍ଗରେ ମରିସସର ରାନାଇଭୋସଓ୍ୱା ୧୭୨ କେଜି ଓଜନ ଉଠାଇ ରୌପ୍ୟ ପଦକ ଓ କାନାଡାର ହାନା କାମିନସ୍କି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।ଚାନୁ ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡାରେ ମଧ୍ୟ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୨୦୨୧ରେ ଅନୁଷ୍ଠିତ ଟୋକିଓ ଅଲିମ୍ପିକ୍ସରେ ମୀରାବାଈ ଚାନୁ ୪୯ କେଜି ବର୍ଗରେ ରୌପ୍ୟ ପଦକ ଜିତିଥିଲେ। ସେ ସ୍ନାଚ୍‌ରେ ୮୭ ଓ କ୍ଲିନ ଆଣ୍ଡ ଜର୍କରେ ୧୧୫ କେଜି ଉଠାଇଥିଲେ। ଏହା ସହିତ ମୀରାବାଈ ଚାନୁ ଇତିହାସ ରଚିଥିଲେ। ସେ ଅଲିମ୍ପିକ୍ସରେ ପ୍ରଥମ ଭାରତୀୟ ଭାବେ ଭାରୋତ୍ତୋଳନରେ ଭାବେ ରୌପ୍ୟ ପଦକ ଜିତିବାର ରେକର୍ଡ କରିଥିଲେ।

ବିଧାୟକଙ୍କ ଦରମା ଓ ଭତା ବୃଦ୍ଧି ଦାବି : ଉଭୟ ବିରୋଧୀ ଓ ସରକାରୀ ଦଳ ବିଧାନସଭାରେ କଲେ ଦାବି

ଭୁବନେଶ୍ୱର, ୩୦।୭(ପି.ଏନ): ଦରଦାମ ବୃଦ୍ଧି ଘଟିଛି। ପେଟ୍ରୋଲ – ଡିଜେଲର ମୂଲ୍ୟ ମଧ୍ୟ ବଢିଲାଣି। ତେଣୁ ଯେତିକି ଅର୍ଥ ବିଧାୟକ ମାନଙ୍କୁ ଦରମା ଓ ଭତା ବାବଦରେ ପ୍ରଦାନ କରା ଯାଉଛି ତାହା ସେମାନଙ୍କୁ ଯଥେଷ୍ଟ ହେଉ ନାହିଁ। ଲୋକ ମାନଙ୍କର କାମ କରିବାକୁ ବିଭିନ୍ନ ସ୍ଥାନକୁ ଯିବା ବେଳେ ଗସ୍ତ ପାଇଁ ଇନ୍ଧନ ଖର୍ଚ ମଧ୍ୟ ଯଥେଷ୍ଟ ବଢିଲାଣି। ରାଜ୍ୟରେ ୨୦୧୭ ମସିହାରେ ବିଧାୟକ ମାନଙ୍କର ଦରମା ଓ ଭତା ବୃଦ୍ଧି ହୋଇଥିଲା। ଏଭଳି ସ୍ଥଳେ ବିଧାୟକ ମାନଙ୍କ ଦରମା ଓ ଭତାକୁ ପୁଣି ଥରେ ବଢାଇବାର ଆବଶ୍ୟକତା ରହିଛି। ସେହିପରି ପୂର୍ବତନ ବିଧାୟକ ମାନଙ୍କର ପେନସନକୁ ମଧ୍ୟ ବଢା ଯିବା ଆବଶ୍ୟକ ବୋଲି ଉଭୟ ବିରୋଧୀ ଓ ସରକାରୀ ଦଳର ବିଧାୟକ ମାନେ ବିଧାନସଭାରେ ଦାବି କରିଛନ୍ତି । ଶୂନ୍ୟକାଳରେ ବିରୋଧୀ ଦଳର ମୁଖ୍ୟ ସଚେତକ ମୋହନ ମାଝୀ ଏହି ପ୍ରସଙ୍ଗ ଉଠାଇ ବିଧାୟକ ମାନଙ୍କୁ ବର୍ଧିତ ହାରରେ ଦରମା ଓ ଭତା ଦେବାକୁ ଦାବି କରିଥିଲେ । ସେ କହିଥିଲେ ଯେ ବିଧାୟକ ମାନେ ୨୪ ଘଂଟା ଲୋକ ମାନଙ୍କ ପାଇଁ କାମ କରୁଛନ୍ତି । ଅନ୍ୟ ରାଜ୍ୟ ମାନଙ୍କରେ ବିଧାୟକ ମାନଙ୍କୁ ମିଳୁଥିବା ଦରମା ଓ ଭତାର ମଧ୍ୟ ସେ ଏକ ତୁଳନାତ୍ମକ ଚିତ୍ର ପ୍ରସ୍ତୁତ କରିଥିଲେ । ଅନ୍ୟ ରାଜ୍ୟ ତୁଳନାରେ ଓଡିଶାର ବିଧାୟକ ମାନଙ୍କୁ ମିଳୁଥିବା ଦରମା ଓ ଭତା ଖୁବ କମ। ସେ କହିଥିଲେ ୨୦୧୭ ମସିହାରେ ଶେଷ ଧର ପାଇଁ ଏହା ବଢିଥିଲା । ତେଣୁ ଏ ଦିଗରେ ବାଚସ୍ପତି ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ସେ ଅନୁରୋଧ କରିଥିଲେ । କଂଗ୍ରେସ ଦଳର ବିଧାୟକ ତାରା ପ୍ରସାଦ ବାହିନୀପତି ଓ ଶାସକ ଦଳର ବିଧାୟକ ଅମର ପ୍ରସାଦ ଶତପଥୀ ମଧ୍ୟ ମୋହନ ମାଝୀଙ୍କ ଦାବିକୁ ସମର୍ଥନ କରିଥିଲେ । ସେମାନେ କହିଥିଲେ ଯେ ଔଷଧ ବାବଦକୁ ଯେଉଁ ଅର୍ଥ ମିଳୁଛି ତାହା ନଗଣ୍ୟ। ଅନ୍ୟ ରାଜ୍ୟ ମାନଙ୍କରେ ବିଧାୟକ ମାନଙ୍କୁ ଓଡିଶା ଅପେକ୍ଷା ଢେର ଅଧିକ ଦରମା ଓ ଭତା ପ୍ରଦାନ କରା ଯାଉଛି। ତେଣୁ ଏ ନେଇ ସରକାରଙ୍କୁ ବିଚାର କରିବାକୁ ନିର୍ଦ୍ଦେଶ ଦେବାକୁ ସେମାନେ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ।

ପ୍ରଭାତ ବିଶ୍ୱାଳଙ୍କ ୩ କୋଟି ୯୨ ଲକ୍ଷ ଟଙ୍କାର ସମ୍ପତି ଆଟାଚ୍ କଲା ଇଡି

ଭୁବନେଶ୍ୱର, ୩୦।୭(ପି.ଏନ): ପୂର୍ବତନ ବିଧାୟକ ପ୍ରଭାତରଂଜନ ବିଶ୍ୱାଳଙ୍କ ୩ କୋଟି ୯୨ ଲକ୍ଷ ୨୦ ହଜାର ଟଙ୍କାର ସମ୍ପତି ଆଟାଚ୍ କରିଛି ପ୍ରବର୍ତନ ନିର୍ଦ୍ଦେଶାଳୟ ବା ଇଡି। ମନି ଲଣ୍ଡରିଂ ଆକ୍ଟ ଅନୁଯାୟୀ ତାଙ୍କର ଏହି ସମ୍ପତି ଆଟାଚ୍ କରାଯାଇଛି। ପ୍ରଭାତରଂଜନ ବିଶ୍ୱାଳଙ୍କର ଏସବିଆଇ କଟକ ଶାଖାରେ ଥିବା ୨୫ ଲକ୍ଷ ଟଙ୍କା ଆଟାଚ୍ ହୋଇଛି। ଅଣ ବ୍ୟାଙ୍କିଙ୍ଗ୍ ସଂସ୍ଥା ଜରିଆରେ ଟଙ୍କା ଆଦାୟ ମାମଲାରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସେହିପରି ଉତର ପ୍ରଦେଶର ନୋଏଡାରେ ଥିବା ମିଡିଆ ଗୁରୁ କନସଲଟାଂଟସ ପ୍ରାଇଭେଟ ଲିମିଟେଡର ସଂପତି ଆଟାଚ୍ କରାଯାଇଛି। ଏହି କଂପାନି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) ସହିତ କିୟା ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆରେ ତାଲିକାଭୁକ୍ତ ନୁହେଁ। ଏନଏସଇଆଇ ଏବଂ ଏହିପରି ସର୍ବସାଧାରଣ ଜମା ସଂଗ୍ରହ କରିବାକୁ ଅନୁମତିପ୍ରାପ୍ତ ନୁହେଁ।୨୦୦୨ରେ ହୋଇଥିବା ଏତଲା ଆଧାରରେ ଏହି ମାମଲାର ଅନୁସନ୍ଧାନ ଆରମ୍ଭ ହୋଇଥିଲା। ଓଡ଼ିଶାର କ୍ରାଇମ ବ୍ରାଂଚର ଇକୋନୋମିକ୍ ଅଫେନ୍ସ ୱିଙ୍ଗ (ଇଓଡବ୍ଲୁ) ଦ୍ୱାରା ଚାର୍ଜସିଟ୍ ଦାଖଲ ହୋଇଥିଲା। ଭାରତୀୟ ଏବଂ ବିଭିନ୍ନ ବିଭାଗ ଅଧୀନରେ ସିବିଆଇ ଦ୍ୱାରା ଦାଖଲ ହୋଇଥିବା ଚାର୍ଜସିଟ୍ ଉପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ଥାନାରେ ହାଜର ହେଲେ ବାବୁସାନ

ଭୁବନେଶ୍ୱର, ୩୦।୭(ପି.ଏନ): ପତ୍ନୀ ତୃପ୍ତି ଦେଇଥିବା ଏତଲା ଆଧାରରେ ଆଜି ଜନ୍ମଦିନରେ ବାବୁସାନ୍ ଖାରବେଳ ଥାନାରେ ହାଜର ହୋଇଛନ୍ତି। ବାବୁସାନଙ୍କ ସହ ତାଙ୍କ ମାଆ ଅପରାଜିତା ମହାନ୍ତି ଓ ପାରିବାରିକ ବନ୍ଧୁ ରବି ମିଶ୍ର ମଧ୍ୟ ଖାରବେଳ ନଗର ଥାନା ଯାଇଥିଲେ । ପୋଲିସ୍ ବାବୁସାନ୍ ଙ୍କୁ ପ୍ରାୟ ଘଂଟାଏ କାଳ ପଚରାଉଚରା କରିଥିଲା। ଅନ୍ୟପକ୍ଷରେ ପତ୍ନୀ ତୃପ୍ତି ଶତପଥୀ ବାବୁସାନଙ୍କ ନାଁରୁ ମାମଲା ପ୍ରତ୍ୟାହାର କରିବେ ବୋଲି ସୂଚନା ଦେଇଛନ୍ତି ବାବୁସାନଙ୍କ ପାରିବାରିକ ବନ୍ଧୁ ରବି ମିଶ୍ର। ସମାଧାନର ବାଟ ବାହାରିଛି, ଖୁବ୍ ଶୀଘ୍ର ତୃପ୍ତି କେସ୍ ପ୍ରତ୍ୟାହାର କରିବେ ବୋଲି ସେ କହିଛନ୍ତି। ସେହିପରି ବାବୁସାନ୍ ଫୋନ ମାଧ୍ୟମରେ ତୃପ୍ତିଙ୍କ ସହ କଥା ହୋଇଛନ୍ତି। ଖାରବେଳନଗର ଥାନା ଆଇଆଇସି ଅରୁଣ ସ୍ୱାଇଁ କହିଛନ୍ତି, ବାବୁସାନଙ୍କୁ ଥାନାରେ ହାଜର ହେବାକୁ ସୂଚନା ଦେଇଥିଲୁ। ସେହି ଆଧାରରେ ସେ ଆଜି ଥାନାରେ ହାଜର ହୋଇଥିଲେ। ତାଙ୍କ ସହ ତାଙ୍କ ମା' ଅପରାଜିତା ଓ ରବି ମିଶ୍ର ଥିଲେ। ସେମାନଙ୍କ ଉପସ୍ଥିତିରେ ବାବୁସାନଙ୍କୁ ଜେରା କରାଯାଇଥିଲା। ୨ଟି କେସ୍‌ରେ ତାଙ୍କୁ ପଚରାଉଚରା କରାଯାଇଥିବା ବେଳେ ବାବୁସାନ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। କେସ୍ ର ସବୁ ଦିଗକୁ ଅନୁଶୀଳନ କରିବା ପରେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ । ଏହା ପୂର୍ବରୁ ବାବୁସାନ୍ ଆଜି ନିଜର ଜନ୍ମଦିନରେ ନିଜ ଘର ବାଲକୋନିକୁ ଆସି ସମସ୍ତଙ୍କୁ ନମସ୍କାର କରିଥିଲେ। ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଆଜି ସକାଳେ ତାଙ୍କ ଘର ସାମ୍ନାରେ ଫ୍ୟାନମାନଙ୍କର ଭିଡ଼ ଲାଗି ରହିଥିଲା।

ଆଗାମୀ ନିର୍ବାଚନରେ ବିରୋଧୀ ଶୂନ୍ୟ ହେବ ଓଡିଶା : ପ୍ରମିଳା ମଲ୍ଲିକ

ଭୁବନେଶ୍ୱର, ୩୦।୭(ପି.ଏନ): ୨୦୨୪ ନିର୍ବାଚନରେ ୧୪୭ ବିଧାୟକ ଓ ୨୧ ସାଂସଦ ପଦ ହାତେଇବ ବିଜେଡି। ବିଜେଡି ଲୋକଙ୍କ ସମସ୍ୟା ସହ ଯୋଡ଼ି ହୋଇଛି । ବିରୋଧୀଙ୍କ କିଛି ହାଣ୍ଡା କାମ ଦେବନି। ଜାତୀୟ ଗଣମାଧ୍ୟମ ସର୍ଭେର ରିପୋର୍ଟକୁ ନେଇ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଏଭଳି ପ୍ରତିକ୍ରିୟା ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ ବିଜେପି ଯେଉଁ ସ୍ୱପ୍ନ ଦେଖୁଛି ତାହା ପୂରଣ ହେବନି। ପଂଚାୟତ ଓ ପୌର ନିର୍ବାଚନରେ ସଫା ହୋଇଗଲେ। ଆଗକୁ ସାଧାରଣ ନିର୍ବାଚନର ବି ସଫା ହୋଇଯିବେ। ଓଡ଼ିଆ ଝିଅକୁ ରାଷ୍ଟ୍ରପତି ପ୍ରାର୍ଥୀ କରାଗଲା ବୋଲି ବିଜେଡି ସମର୍ଥନ ଦେଲା। ଏହାକୁ ନେଇ ବିଜେପିର ଶକ୍ତି ବୃଦ୍ଧି ପାଇବ ବୋଲି ଭାବିବା ଭୁଲ। ରାଜ୍ୟରେ କଂଗ୍ରେସ ବିଜେପି ଏକ ହୋଇ ଯାଇଛନ୍ତି।

ସିଆଇଟିୟୁର ଅଗଷ୍ଟ ୧ରୁ ୧୫ ରାଜ୍ୟବ୍ୟାପୀ ପ୍ରଚାର ଅଭିଯାନ ଓ ଆନ୍ଦୋଳନର ଡାକରା

ଭୁବନେଶ୍ୱର, ୩୦।୭(ପି.ଏନ): ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତୀ ପାଳନ ପରିପ୍ରେକ୍ଷିରେ ସିଆଇଟିୟୁ, କୃଷକ ସଭା, କ୍ଷେତମଜଦୂର ୟୁନିୟନ ପକ୍ଷରୁ ଅଗଷ୍ଟ ୧ ରୁ ୧୫ ତାରିଖ ପର୍ଯ୍ୟନ୍ତ ରାଜ୍ୟ ବ୍ୟାପୀ ପ୍ରଚାର ଅଭିଯାନ ଓ ଆନ୍ଦୋଳନ ପାଇଁ ଡାକରା ଦିଆଯାଇଛି। ସ୍ୱଧୀନତା ଆନ୍ଦୋଳନରେ ଶ୍ରମିକଶ୍ରେଣୀର ଭୂମିକା ଓ ଆଭିମୁଖ୍ୟକୁ ବର୍ତମାନ ପିଢିର ଜନଗଣଙ୍କ ପାଖକୁ ନେଇଯିବାକୁ ତଥା ମୂଲ୍ୟବୃଦ୍ଧି, ନିଯୁକ୍ତି, ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ,ବାସଗୃହ, ମାଗଣା ଶିକ୍ଷା, ସରକାରୀ କ୍ରୟ ବ୍ୟବସ୍ଥା ସହିତ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ, ଋଣଛାଡ, ଶ୍ରମକୋର୍ଡ, ଘରୋଇ କରଣ, ଏମ୍‌ରେଗା ଯୋଜନାର ପ୍ରସାର, ସାମାଜିକ ନ୍ୟାୟ, ସାଂପ୍ରଦାୟୀକ ବିଭେଦକାରୀ ଶକ୍ତିଙ୍କୁ ପରାସ୍ତ କରି ଜନଗଣଙ୍କ ଏକତାକୁ ତୋଳିଧରିବା ଆଦି ପ୍ରସଙ୍ଗରେ ମିଳିତ କାର୍ଯ୍ୟକ୍ରମ ପାଇଁ ଡାକରା ଦିଆଯାଇଛି।ଅଗଷ୍ଟ ୧ ତାରିଖ କ୍ଷେତମଜଦୂର ୟୁନିୟନ ପକ୍ଷରୁ ବିକ୍ଷୋଭରେ ସିଆଇଟିୟୁ, କୃଷକସଭା ପକ୍ଷରୁ ସମର୍ଥନ କରିବେ। ଅଗଷ୍ଟ ୯ ଭାରତଛାଡ ଆନ୍ଦୋଳନ ପରିପ୍ରେକ୍ଷୀରେ ଅଗଷ୍ଟ ୮ ରେ ରାଜ୍ୟବ୍ୟାପି ତିନୋଟି ସଂଗଠନ ପକ୍ଷରୁ ଜିଲ୍ଲା, ସବ୍‌ଡିଭିଜନ୍, ବ୍ଲକ ସ୍ତରରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଅଗଷ୍ଟ ୧୪ ସ୍ୱାଧୀନତା ଦିବସର ପ୍ରାକ୍ ସଂଧ୍ୟାରେ ରାଜ୍ୟର ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ସାମୁହୀକ ରାତ୍ରୀ ଜାଗରଣ ସଂଗଠିତ କରାଯିବା ସହିତ ଅଗଷ୍ଟ ୧୫ରେ ପତାକା ଉତୋଳନ କରାଯିବ।ଏହି ସମସ୍ତ ପ୍ରଚାର ଓ ଆନ୍ଦୋଳନ ଅଭିଯାନ କାର୍ଯ୍ୟକ୍ରମରେ ଶ୍ରମିକ, କୃଷକ, ଛାତ୍ର, ଯୁବକ, ମହିଳା, ବୁଦ୍ଧିଜୀବୀ ଦେଶପ୍ରେମୀ ଜନଗଣ ଅଂଶ ଗ୍ରହଣ କରିବାକୁ ତିନି ସଂଗଠନ ପକ୍ଷରୁ ବିନମ୍ର ନିବେଦନ କରାଯାଇଛି।

ଭୁଲ କାହାର ଦଣ୍ଡ ଭୋଗୁଛି କିଏ ?

ଭୁବନେଶ୍ୱର ,୩୦।୭(ପି.ଏନ): ଭୁଲରେ ବ୍ୟାଙ୍କରେ ଜମା ହୋଇଗଲା ମୃତ୍ୟୁ କାଳୀନ ବୀମା ଟଙ୍କା। ଆଉ ସେହି ଟଙ୍କା ଉଠାଇ ଧାର ଉଧାରୀ ସୁଝିଦେଲେ ସପୁର ହରିଜନ। ଏବେ ଟଙ୍କା ଫେରାଇବାକୁ କହୁଛି ଶ୍ରମ ବିଭାଗ। ଟଙ୍କା ଫେରାଇବାକୁ ଅସମର୍ଥ ହେବାରୁ ଆଜି ତାଙ୍କୁ ଗିରଫ କରିଛି ପୁଲିସ୍। ତାଙ୍କ ସହ ତାଙ୍କର ଦୁଇ ସହଯୋଗୀଙ୍କୁ ମଧ୍ୟ ବାନ୍ଧିଛି ନବରଙ୍ଗପୁର ପୁଲିସ୍।ପୂରା ଘଟଣା ଏମିତି। ନବରଙ୍ଗପୁର ସଦର ଥାନା ଅନ୍ତର୍ଗତ ମିରଗାନଗୁଡା ଗାଁର ସପୁର ହରିଜନଙ୍କ ସ୍ତ୍ରୀ ହେଉଛନ୍ତି ନୀଳା ହରିଜନ। ସେ ଜଣେ ଅଣ କୁଶଳୀ ଶ୍ରମିକ। ସ୍ତ୍ରୀଙ୍କ ମୃତ୍ୟୁ ପରେ ମୃତ୍ୟୁକାଳୀନ ବୀମା ରାଶି ବାବଦକୁ ୨ ଲକ୍ଷ ୫ ହଜାର ଟଙ୍କା ପାଇବା ପାଇଁ ସପୁର ମଣ୍ଡଳ ଶ୍ରମ ଆୟୁକ୍ତଙ୍କ ଅଫିସ୍ ?ରେ ଆବେଦନ କରିଥିଲେ। ଠିକ୍ ? ସେମିତି କେତକୀ ପୂଜାରୀଙ୍କ ସ୍ୱାମୀ ମଧ୍ୟ ମରି ଯାଇଥିଲେ। ତେଣୁ ସେ ମୃତ୍ୟୁ କାଳୀନ ବୀମା ରାଶି ପାଇବା ପାଇଁ ଆବେଦନ କରିଥିଲେ। ଉଭୟଙ୍କ ବ୍ୟାଙ୍କ ଗୋଟିଏ ହୋଇଥିଲେ ମଧ୍ୟ ଆକାଉଣ୍ଟ ଅଲଗା ଅଲଗା ରହିଛି। ଏହା ସତ୍ତ୍ୱେ ଭୁଲ୍ ? ବସତଃ କେତକୀଙ୍କ ବୀମା ରାଶି ଟଙ୍କା ସପୁରଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଚାଲି ଯାଇଥିଲା।ବ୍ୟାଙ୍କ ଆକାଉଣ୍ଟରେ ୪ ଲକ୍ଷ ୫ ହଜାର ଟଙ୍କା ଜମା ହୋଇଥିବା ଦେଖି ସୁପର ଉତ୍‌ଫୁଲିତ ହୋଇଯାଇଥିଲା। ସଙ୍ଗେ ସଙ୍ଗେ ସବୁ ଟଙ୍କା ଉଠାଇ ଆଣି ଥିଲା। ପରେ ସେହି ଟଙ୍କାରେ ଧାର ଉଧାର ସୁଝି ଦେଇଥିଲେ। ତେବେ ଟଙ୍କା ଉଠାଣରେ ତାଙ୍କୁ ଆକାଶ ଦାନ ଓ ସାହିଲ୍ ଭତ୍ରା ସହଯୋଗ କରିଥିବା ଅଭିଯୋଗ ହୋଇଛି। ଏଥିପାଇଁ ସପୁର ସେମାନଙ୍କୁ କିଛି ଅର୍ଥ ଦେଇଥିବା ଆଲୋଚ୍‌ନା ହେଉଛି। ଅନ୍ୟପକ୍ଷରେ କେତକୀ ବୀମା ଟଙ୍କା ପାଇନଥିବା ନେଇ ମଣ୍ଡଳ ଶ୍ରମ ଆୟୁକ୍ତ କୁବେର ବେହେରାଙ୍କ ପାଖରେ ଅଭିଯୋଗ କରିଥିଲେ। କେତକୀଙ୍କ ଅଭିଯୋଗ ଆଧାରରେ ତଦନ୍ତ ଆରମ୍ଭ କରାଯାଇଥିଲା। ତଦନ୍ତ ବେଳେ ସପୁରଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ଯାଇଥିବା ଜଣାପଡିଥିଲା। ଏହା ପରେ ସପୁରଙ୍କୁ ଡାକି ନେଇଥିବା ଟଙ୍କା ଫେରାଇବାକୁ କୁହାଯାଇଥିଲା। ସେ ମଧ୍ୟ ଟଙ୍କା ଫେରାଇବ ବୋଲି କହିଥିଲେ। ହେଲେ ପରବର୍ତ୍ତୀ ସମୟରେ ଟଙ୍କା ଫେରାଇ ନଥିଲା।ମଣ୍ଡଳ ଶ୍ରମ ଆୟୁକ୍ତ କୁବେର ବେହେରା ଏନେଇ ନବରଙ୍ଗପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ନବରଙ୍ଗପୁର ପୁଲିସ୍ ? ତଦନ୍ତ କରି ମୁଖ୍ୟ ଅଭିଯୁକ୍ତ ସପୁର ହରିଜନ ଓ ତାଙ୍କ ସହଯୋଗୀ ଆକାଶ ଦାନ ଓ ସାହିଲ ଭତ୍ରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।ସେପଟେ ଗିରଫ ପୂର୍ବରୁ ଶ୍ରମ ବିଭାଗ ଉପରେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି ସପୁର ହରିଜନ। ସେ କହିଛନ୍ତି, ନବରଙ୍ଗପୁର ଶ୍ରମ କାର୍ଯ୍ୟାଳୟର ୫ ଜଣ କର୍ମଚାରୀ ଆସି ଲକ୍ଷେ ଟଙ୍କା ମାଗିଥିଲେ। ଟଙ୍କା ନଦେଲେ ଜେଲ୍ ? ପଠାଇ ଦେବେ ବୋଲି ଧମକ ଦେଇଥିଲେ। ଧାର ଉଧାର କରି ସେମାନଙ୍କୁ ଟଙ୍କା ଦେଇଥିଲି। ସେମାନଙ୍କ ଭିତରୁ ଜଣେ ୫୦ ହଜାର ଟଙ୍କା ଫେରାଇଥିଲା ବୋଲି କହିଛନ୍ତି।ସେ ଆହୁରି କହିଛନ୍ତି, ସେମାନେ ମୋତେ ଡାକି ୪ ଲକ୍ଷ ଟଙ୍କା ଦେଇଥିଲେ। ସେହି ଟଙ୍କା ଉଠାଇ ଧାର ଉଧାର ସୁଝି ଥିଲି। ଏବେ କହୁଛନ୍ତି ଟଙ୍କା ଫେରାଅ। ଟଙ୍କା କେଉଁଠୁ ଆଣିବି ? ମୋର ଆଙ୍କା କିଛି ଭୁଲ୍ ? ନାହିଁ ବୋଲି ସେ କହିଛନ୍ତି।ତେବେ ଏଠି ପ୍ରଶ୍ନ ଉଠୁଛି, ଏତେ ସରକାରୀ ବିଧି ବ୍ୟବସ୍ଥା ଭିତରେ କେମିତି ଜଣେ ବ୍ୟକ୍ତିଙ୍କ ଆକାଉଣ୍ଟରେ ଜମା ହେଲା ଏତେ ପରିମାଣର ଟଙ୍କା ? ଏଥିରେ କଣ କୌଣସି ସରକାରୀ ଅଧିକାରୀଙ୍କ ହାତ ନାହିଁ ? ଯଦି ନାହିଁ, ତାହାହେଲେ ଲକ୍ଷେ ମାଗିଥିବା ସେହି ୫ ବ୍ୟକ୍ତି କିଏ ? ପୁଲିସ ସେମାନଙ୍କୁ ଚିହ୍ନଟ କଲାଣି ନା ନାହିଁ।

ରାଜ୍ୟରେ ମହାମାରୀ ସରକାରଙ୍କ ଉପହାର: କଂଗ୍ରେସ

ଭୁବନେଶ୍ୱର,୩୦।୭(ପିଏନ):ଆଦିବାସୀମାନଙ୍କ ପ୍ରତି ରାଜ୍ୟ ସରକାରଙ୍କ ଉଦାସୀନତା ଓ ଅପାରଗତା ପାଇଁ ବର୍ତମାନ ଆଦିବାସୀ ବହୁଳ ରାୟଗଡ଼ା, କୋରାପୁଟ କଳାହାଣ୍ଡି, ନବରଙ୍ଗପୁର, ଗଜପତି ଓ ନୂଆପଡ଼ା ଜିଲ୍ଲାରେ ମହାମାରୀ ପାଇଁ ଅନେକ ଜୀବନ ଚାଲିଯାଉଛି। ଅନେକ ଯୋଜନାର ଡିଣ

ଟି ଟାଇମ୍

ଜୋକ୍ସ

ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?
ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା
ଶିକ୍ଷକ-କେଉଁଠି ପଡିଗଲ ଆଉ କ'ଣ ଲାଗିଗଲା ?
ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

ପୁରାଣ କାହାଣୀ

ବାଣୀ ପ୍ରଭାବରେ ଚୋର ହେଲା ସାଧୁ

ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତରକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା' ମା କଥା ମନେ ପଡିଲା । ମା'ତାକୁ କହୁଥିଲା କାମରୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତ୍ତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତ୍ତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସତ୍ୟ ସତ କଥା କହିଲା । ଅଜ୍ଞାତବସତ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

ଆଜିର ଭାଗ୍ୟ

ମେଷ
କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

ବୃଷ
ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

ମିଥୁନ
କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

କର୍କଟ
ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅଠିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

ସିଂହ
ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

କନ୍ୟା
ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

ତୁଳା
ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

ବିଛା
ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

ଧନୁ
ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

ମକର
କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

କୁମ୍ଭ
ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

ମୀନ
କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

କୃତ୍ରିମ ଜଳପ୍ରପାତ

ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

ଦାନ୍ତରେ ଟାଟୁ



ଅତ୍ୟାଧୁନିକା ମହିଳାମାନେ ସବୁବେଳେ ଚାହାନ୍ତି କେମିତି ନିଜକୁ ଭିନ୍ନ ଶୈଳୀରେ ପ୍ରଦର୍ଶିତ କରିବେ ଏବଂ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବେ । ଆଜିକାର ଫ୍ୟାଶନ ଯୁଗରେ ଏଭ୍ରି ଅଡ୍ ଇଜ୍ ଏ ଷ୍ଟାଇଲକୁ ମଧ୍ୟ କେତେକ ଗ୍ରହଣ କରି ସେହିପରି ଢଙ୍ଗରେ ନିଜକୁ ସଜାଉଛନ୍ତି । ଏବେ ଏବେ ସୌନ୍ଦର୍ଯ୍ୟ ସଚେତନ ତରୁଣୀମାନେ ଦାନ୍ତରେ ଟାଟୁ ଆଙ୍କିବା ଦିଗରେ ବେଶି ଢଳୁଥିବା ପରିଲକ୍ଷିତ ହେଉଛି, ଯେମିତି କିଛି ବର୍ଷ ତଳେ 'ନାହିମୁଦି' ଫ୍ୟାଶନ ଅନେକଙ୍କୁ କିମିଆ କରିଥିଲା । ଦାନ୍ତରେ ଟାଟୁ ଆଙ୍କିବା ନୂଆ କଥା ନୁହେଁ । ଆଠଦଶ ବର୍ଷ ତଳେ ଦାନ୍ତରେ ଟାଟୁ କରି ହିପ୍‌ହପ୍ ଗାୟିକା, ନୃତ୍ୟାଙ୍ଗନା ଓ ମେଡଲମାନେ ବିଭିନ୍ନ ଶୋ'କୁ ଆସିବା ପରେ ଏହାର ଚାହିଦା ବଢିବଢି ଚାଲିଛି । କିଶୋରୀ, କଲେଜ ଛାତ୍ରୀଠୁ ଆରମ୍ଭ କରି ପଇଁତିରିଶ ବର୍ଷ ଭିତରର ମହିଳାଙ୍କୁ ଦାନ୍ତରେ ଟାଟୁ ବେଶ୍ ମାନିବ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞମାନେ କହନ୍ତି । ଅସ୍ଥାୟୀ ଓ ସ୍ଥାୟୀ ଭାବେ ଦାନ୍ତରେ ଟାଟୁ କରିହେବ ।

ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟଫ୍ଟ ୟୁନିଭରସଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

ପ୍ରସବ କରିବ ରୋବଟ !

ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ । ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ । ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ । ଏହାବ୍ୟତୀତ ପ୍ରଫେସର ବାର୍ବିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ । ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି ।

ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ନାହିଁ । ଏକ ଗବେଷଣାରୁ ଜଣାଯାଇଛି ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି ସିଣ୍ଡ୍ରମ' । ଏହାଦ୍ୱାରା ଜଙ୍ଘରେ ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ରୋଗରେ ଗୋଡ଼ ଅକାମି ହୋଇଗଲା ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ । ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି । ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ 'ମେରାଲଜିଆ ପାରେସ୍ଥେଟିକା' ବା 'ଟିଙ୍ଗଲିଙ୍ଗ୍ ଥିଙ୍ଗ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ । ଏହି ପରି ଅନୁଭୂତ ହୁଏ । ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ

ବିଶ୍ୱର ବଡ ଫୁଲ ବଜାର

ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱବାସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦ୍ରୁତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ୍ୟ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ ନ୍ଲିନିକ ଓ୍ୱେସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।

ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ

ବିକଶିତ କେନ୍ଦ୍ରାପଡ଼ା ଗଠନର ବେଳ !

ଶରତ କୁମାର ରାଉତ

ସମୁଦ୍ର, ନଦୀ, ନାଳ, ବନାନୀଘେରା ଚିର ଅବହେଳିତ କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ବିବିଧ ସମସ୍ୟାର

ଗର୍ଭ ମଧ୍ୟରେ ରହିଛି । ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବିଜୁଳି, ପାନୀୟଜଳ, ସଂଚାର, ଦାରିଦ୍ର୍ୟ, ବେକାରୀ ଆଦି ମୌଳିକ ସମସ୍ୟା ଉତ୍କଟ ରୂପ ଧାରଣ କରିଥିବା ବେଳେ ୧୯୯୯ର ପ୍ରଳୟଙ୍କରୀ ବାତ୍ୟା ଜିଲ୍ଲାର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଇଛି । ଏପରିକି

କେବିକେ ବ୍ୟତୀତ ଅନ୍ୟ ୨୨ଟି ଜିଲ୍ଲା ମଧ୍ୟରେ ଏହି ଜିଲ୍ଲା ଲୋକଙ୍କର ମୌଳିକ ସମସ୍ୟା ସବୁଠୁ ଆଗରେ ରହିଛି । ବଙ୍ଗୋପସାଗର କୂଳବର୍ତ୍ତୀ ଏହି ଜିଲ୍ଲାର

ଭୌଗୋଳିକ ଆୟତନ ୨୬୪୪ ବର୍ଗ କିଲୋମିଟର ଓ ଏହାର ଉପକୂଳବର୍ତ୍ତୀ ସୀମା ୪୮୦ କିଲୋମିଟର । ଏହି ଜିଲ୍ଲାର ଲୋକସଂଖ୍ୟା ୧୪ ଲକ୍ଷରୁ ଅଧିକ । ଏହାର ଜଙ୍ଗଲ ପରିମାଣ ୧୯୯୩୯ ବର୍ଗ କିଲୋମିଟର ହୋଇଥିବା ବେଳେ ଚାଷ

ଉପଯୋଗୀ ଜମି ପରିମାଣ ୧ଲକ୍ଷ ୮୨ ହଜାର ୧୮୪ହେକ୍ଟର ରହିଛି । ମୋଟ ୨୪୯ଟି ଗ୍ରାମପଂଚାୟତ ଅନ୍ତର୍ଗତ ୧୫୫୨ଟି ଗ୍ରାମ ରହିଛି ଏହି ଜିଲ୍ଲାରେ । ଗତ ମହାବାତ୍ୟାରେ କ୍ଷତିଗ୍ରସ୍ତ ତାଲିକାରେ ଥିବା କେନ୍ଦ୍ରାପଡ଼ା ଜିଲ୍ଲା ଧ୍ୱଂସସ୍ତୂପରେ ପରିଣତ ହୋଇଥିବା

ଜଗତସିଂହପୁର ଜିଲ୍ଲାର ପଛକୁ ରହିଥିଲା । ଶିଳ୍ପବିହୀନ ଏହି ଜିଲ୍ଲା ନିଜର ଅସ୍ତିତ୍ୱ ବଜାୟ ରଖିବା ପାଇଁ ସ୍ୱାଧୀନତା ପରଠାରୁ ସଂଘର୍ଷ କରିଆସୁଥିଲେ ହେଁ ସମୟ ଓ ପରିସ୍ଥିତି ଜିଲ୍ଲାବାସୀଙ୍କୁ ଭୋକଉପାସରେ ରହି ଜିଇଁବାକୁ ବାଧ୍ୟ କରିଚାଲିଛି । ଏଠାରେ ଶିକ୍ଷିତ ବେକାରଙ୍କ ସଂଖ୍ୟା ବହୁ ଅଧିକ ଥିଲାବେଳେ ନିଯୁକ୍ତି ହାର ସବୁଠୁ କମ୍ ରହିଛି । ଦାରିଦ୍ର୍ୟ ଦୂରୀକରଣ ଯୋଜନା, ସ୍ୱାସ୍ଥ୍ୟସେବା, ବିଦ୍ୟୁତ୍‌ସେବା, ସଂଚାର ସେବା, ଯୋଗାଯୋଗ ଏବଂ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ରହିଛି । ଏଠାରେ ଥିବା ବିଶ୍ୱବିଖ୍ୟାତ କଇଁଛ ଓ କୁମ୍ଭୀର ପ୍ରଜନନ କେନ୍ଦ୍ର ତଥା ଭିତରକନିକା ପ୍ରାଣୀ ଅଭୟାରଣ୍ୟ ଓ ସାମୁଦ୍ରିକ ଅଭୟାରଣ୍ୟର ଆବଶ୍ୟକୀୟ ଉନ୍ନତି ହୋଇପାରୁନାହିଁ । ପ୍ରାକୃତିକ ଦୃଶ୍ୟରାଜିରେ ଭରା ଅଭୟାରଣ୍ୟ, କମନୀୟ ସମୁଦ୍ର ବେଳାଭୂମି ଓ ସମୁଦ୍ର ତଟରେ ଯେଭଳି ପ୍ରଚୁର ପର୍ଯ୍ୟଟନ ଶିଳ୍ପର ସୁଯୋଗ ରହିଛି, ତା'ର ଉପଯୁକ୍ତ ଉପଯୋଗ ହେଲେ ଜିଲ୍ଲାର ଆର୍ଥିକ ପ୍ରଗତି ସମ୍ଭବ ହୋଇପାରନ୍ତା । ଜିଲ୍ଲାରେ ସରକାରୀ ଉନ୍ନୟନ ଯୋଜନା କାର୍ଯ୍ୟକାରିତା ଉପରେ ବ୍ୟାପକ ସମୀକ୍ଷା ହେଉ ନ ଥିବାରୁ ପ୍ରକୃତ ହିତାଧିକାରୀମାନେ ଉପକୃତ ହୋଇପାରୁନାହାଁନ୍ତି । ଯେଉଁଥିପାଇଁ ଜିଲ୍ଲାର ପ୍ରାୟ ୨ ଲକ୍ଷ ବେକାର ଶିକ୍ଷିତ ଯୁବକ/ଯୁବତୀ/ବ୍ୟକ୍ତି ଦେଶବିଦେଶର ବିଭିନ୍ନ ସଂସ୍ଥାରେ କାର୍ଯ୍ୟ କରିବାକୁ ବାଧ୍ୟ ହେଉଛନ୍ତି । ୧୯୬୭ ଓ ୧୯୭୨ ସାମୁଦ୍ରିକ ମହାପ୍ଲାବନରେ ରାଜନଗର, ମହାକାଳପଡ଼ା ଓ ପଟ୍ଟାମୁଣ୍ଡାଇର ଅନେକ ଧନ-ଜୀବନ ନଷ୍ଟ ହୋଇଥିବା ବେଳେ ୧୯୮୨ ସାମୁଦ୍ରିକ ଜୁଆରରେ ଉପକୂଳବାସୀଙ୍କର ପ୍ରଭୂତ କ୍ଷୟକ୍ଷତି ହୋଇଥିଲା । ଉପକୂଳବାସୀଙ୍କର ସୁରକ୍ଷା ପାଇଁ ବିଜୁ ପଟ୍ଟନାୟକ ୧୯୭୨ ଏପ୍ରିଲ୍ ୪ରେ ଧାମରାଠାରୁ ପାରାଦୀପ ପର୍ଯ୍ୟନ୍ତ ବରୁଣେଇ ଦେଇ ବିଶାଳ ପଥର ପନ୍ଧ ନିର୍ମାଣ କରାଇବାକୁ ଘୋଷଣା କରିଥିଲେ । ମାତ୍ର ଏଯାଏ ତାହା ସମ୍ଭବ ହୋଇପାରିନାହିଁ । ପ୍ରତି ମୁହୂର୍ତ୍ତରେ ଧ୍ୱଂସ ପାଇ ଚାଲିଛି ଉପକୂଳ ଝାଉଁଜଙ୍ଗଲ । ୧୯୮୦ରେ ବରୁଣେଇ ନିକଟସ୍ଥ ଜଗରିଜୋରଠାରେ ସରକାର ଓ ବିଶ୍ୱବ୍ୟାଙ୍କର ମିଳିତ ସହାୟତାରେ ବିଶାଳ ହେନ୍ତାଳବଣ ଧ୍ୱଂସ କରାଯାଇ ଏକ ନଡ଼ିଆ ଚାଷ ପ୍ରକଳ୍ପ ଆରମ୍ଭ କରାଯାଇଥିଲା । ମାତ୍ର ଅତିଶୀଘ୍ର ଏହି ପ୍ରକଳ୍ପ ବିଫଳ ହୋଇଥିଲା । ପୁନଶ୍ଚ ୧୯୯୪ରେ ସେହି ସ୍ଥାନରେ ବିଶ୍ୱବ୍ୟାଙ୍କ୍ ସହାୟତାରେ ବାକି ଥିବା ହେନ୍ତାଳବଣ ଧ୍ୱଂସ କରାଯାଇ ଏକ ଚିଙ୍ଗୁଡ଼ି ପ୍ରକଳ୍ପ ଆରମ୍ଭ କରାଯାଇଥିଲା । ହେଲେ ଅଳ୍ପ କିଛିବର୍ଷ ପରେ ଏହି ପ୍ରକଳ୍ପ ମଧ୍ୟ ବିଫଳ ହୋଇଥିଲା । ଆଜି ପର୍ଯ୍ୟନ୍ତ ଉକ୍ତ ଦୁଇଟି ପ୍ରକଳ୍ପର ବିଫଳତା ସଂପର୍କରେ କୌଣସି ସମୀକ୍ଷା ହୋଇନାହିଁ । ସଂପ୍ରତି ଜିଲ୍ଲାରେ ରାସ୍ତାଘାଟ ସମସ୍ୟା ଗମ୍ଭୀର ରହିଛି । ଆଜି ମଧ୍ୟ ବିଭିନ୍ନ ଗାଁ, ପଂଚାୟତ ଓ ବ୍ଲକ୍ ସଦର ମହକୁମା ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥା ବିପର୍ଯ୍ୟସ୍ତ ରହିଛି । ବହୁ ରାସ୍ତା

କିଛିବର୍ଷ ତଳୁ ମରାମତି ହୋଇନାହିଁ । ୧୦ରୁ ଊର୍ଦ୍ଧ୍ୱ ନିର୍ମାଣାଧୀନ ନଦୀସେତୁ ଦୀର୍ଘବର୍ଷ ତଳୁ ଅଧାପନ୍ତରିଆ ଭାବେ ପଡ଼ିରହିଛି । ଯେଉଁଥିପାଇଁ ହଜାର ହଜାର ଲୋକେ ନିଜ ବ୍ଲକ୍ ସଦର ମହକୁମାରେ ପହଂଚିବାରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ସମୁଦ୍ର ତଟବର୍ତ୍ତୀ ଗାଁଗୁଡ଼ିକର ଅବସ୍ଥା ଭାରି ସାଂଘାତିକ । ଇତିମଧ୍ୟରେ ଅନେକ ଗାଁ ସମୁଦ୍ର ଓ ନଦୀର ମହାପ୍ଲାବନରେ ମିଳେଇଯାଇଛି । ସାତଭାୟା ଅଂଚଳର ଅଧିକାଂଶ ଗ୍ରାମ ସମୁଦ୍ରର ମହାପ୍ଲାବନରେ ଲୀନ ହୋଇଯାଇଥିବା ବେଳେ ବାକି ଥିବା ଗାଁଗୁଡ଼ିକ କେଉଁ ମୁହୂର୍ତ୍ତରେ ସମୁଦ୍ର ଗର୍ଭରେ ଲୀନ ହୋଇଯିବ, ତାହା ଭଗବାନଙ୍କୁ ଜଣା । ଲୁଣା ଘେରିବନ୍ଧ ଖୁବ୍ ଦୁର୍ବଳ ଥିବାରୁ ସମୁଦ୍ରରୁ ଲୁଣାପାଣି ଆସି ଭେଡ଼ା ଭିତରେ ପଶୁଛି

ଓ ଅକାଳରେ ଫସଲ ହାନି ହେଉଛି । ସେହିପରି ବନ୍ୟା ଘେରିବନ୍ଧ ଅତି ଦୁର୍ବଳ ଯୋଗୁ ଲକ୍ଷ ଲକ୍ଷ ଲୋକେ ବନ୍ୟା ପୀଡ଼ିତ ହୋଇଥା'ନ୍ତି ଓ



ବେଳେବେଳେ ସର୍ବସ୍ୱାନ୍ତ ବି ହୁଅନ୍ତି । ଜଳସେଚନ ବ୍ୟବସ୍ଥା ଜିଲ୍ଲାବାସୀଙ୍କ ପାଇଁ ଯେମିତି ସ୍ୱପ୍ନ ହୋଇଯାଇଛି । କେତେକ ଅଂଚଳରେ ଅନେକ ବର୍ଷ ତଳେ କେନାଲ୍ ଖୋଳା କାମ ଆରମ୍ଭ ହୋଇ ଆଜି ମଧ୍ୟ ତାହା ଅଧାପନ୍ତରିଆ ଭାବେ ପଡ଼ିରହିଛି । ଏପରିକି

କେନାଲ୍ ପାଣି ଯୋଗାଇଦିଆ ନଯାଇ ମଧ୍ୟ ପ୍ରଜାଙ୍କଠାରୁ ଜଳକର ଆଦାୟ କରାଯାଉଥିବା ଅଭିଯୋଗ ହୋଇଥାଏ । ବେଣାକନ୍ଦାଠାରୁ ତନ୍ତିଆପାଳ ପର୍ଯ୍ୟନ୍ତ ୧୩ କି.ମି. ଗୋବରୀ ନଦୀବନ୍ଧ ଯୋଜନା କାର୍ଯ୍ୟକାରୀ ପାଇଁ ପ୍ରାୟ ୩୦ ବର୍ଷ ତଳେ ନିଷ୍ପତି ନିଆଯାଇଥିଲେ ହେଁ ବାସ୍ତବ କ୍ଷେତ୍ରରେ ଏଯାଏ ଏହି ଲୋକହିତକର କାର୍ଯ୍ୟ ଆରମ୍ଭ ହୋଇ ପାରିନାହିଁ । ଏହି ଯୋଜନା କାର୍ଯ୍ୟକାରୀ ହେଲେ ରାଜନଗର, ମହାକାଳପଡ଼ା ଓ ପଟ୍ଟାମୁଣ୍ଡାଇ ବ୍ଲକ୍‌ର କେତେକ ଅଂଚଳକୁ ମିଠାଜଳ ଯୋଗାଇ ବର୍ଷତମାମ ଚାଷ କାର୍ଯ୍ୟକୁ ସହଜ କରାଯାଇପାରନ୍ତା ।

ସେହିପରି ରାଜନୈତିକ ଓ ପ୍ରଶାସନିକ ଇଚ୍ଛାଶକ୍ତି ଅଭାବରୁ ଅବହେଳିତ ବିଶ୍ୱବିଖ୍ୟାତ ଭିତରକନିକା ଜାତୀୟ ଉଦ୍ୟାନ, ଭିତରକନିକା ପ୍ରାଣୀ ଅଭୟାରଣ୍ୟ, ହେନ୍ତାଳ ଜଙ୍ଗଲ, ଡାଙ୍ଗମାଳ କୁମ୍ଭୀର ପ୍ରଜନନ କେନ୍ଦ୍ର, ବତୀଘର, ବ୍ରିଟିସ୍ ବାଣିଜ୍ୟର କୋଠାଘର ହୁକିଟେଲା ଓ ବରୁଣେଇ ଜଙ୍ଗଲ ଆଦିର ବିକାଶ ସ୍ୱପ୍ନ ହୋଇ ରହିଛି । ଏସବୁକୁ ଏଯାଏ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିପାରିନାହିଁ । କ୍ରମେ ଏହି ଜିଲ୍ଲା ଅବହେଳାର ଚରମସୀମାକୁ ଟପିଗଲାଣି । ଏଠାରେ ବହୁ ସୁଯୋଗ ରହିଥିଲେ ହେଁ ତାହାର ଉପଯୁକ୍ତ ଉପଯୋଗ ହୋଇପାରୁନାହିଁ । ପ୍ରଚୁର ମନୋରମ ପ୍ରାକୃତିକ ସଂପଦ, ମତ୍ସ୍ୟ ସଂପଦ, ବନ୍ୟପ୍ରାଣୀ ସଂପଦ, ପର୍ଯ୍ୟଟନ ସଂପଦ ଓ ବନ୍ଦର ସୁଯୋଗ ଭଳି ଅନେକ ଦୁର୍ଲଭ ସଂପଦ ଭରପୂର ହୋଇ ରହିଛି ଏହି ଜିଲ୍ଲାରେ । ସଂପ୍ରତି ଜିଲ୍ଲାରେ ଥିବା ପ୍ରଚୁର ପର୍ଯ୍ୟଟନ ଶିଳ୍ପର ସୁଯୋଗକୁ ଉପଯୋଗର ଆବଶ୍ୟକତା ରହିଛି । ମାତ୍ର ଏଥିପ୍ରତି କେହି ଦୃଷ୍ଟି ଦେଉନାହାଁନ୍ତି । ଏସବୁର ଉପଯୁକ୍ତ ଉପଯୋଗ ହେଲେ, ଜିଲ୍ଲାର ଆର୍ଥିକ ବିକାଶ ହେବା ସହ ଓଡ଼ିଶା ସରକାର ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ପାଇପାରନ୍ତେ । ତେବେ କେନ୍ଦ୍ରାପଡ଼ା ଜିଲ୍ଲାର ଅର୍ଥନୈତିକ ପ୍ରଗତିର ଚାବିକାଠି କେଉଁଠି ରହିଛି, ସେ ସଂପର୍କରେ ବ୍ୟାପକ ସମୀକ୍ଷାର ଆବଶ୍ୟକତା ରହିଛି । ବିଶେଷକରି କେନ୍ଦ୍ରାପଡ଼ାର ଭାଗ୍ୟ ଓ ଭବିଷ୍ୟତ ସାଂସଦ ଓ ବିଧାୟକମାନଙ୍କ ଇଚ୍ଛାଶକ୍ତି ଉପରେ ନିର୍ଭର କରୁଛି । ଦୁର୍ଭାଗ୍ୟବଶତଃ କିଛିବର୍ଷ ତଳୁ କେନ୍ଦ୍ରାପଡ଼ା ଜିଲ୍ଲା ମନ୍ତ୍ରୀଶୂନ୍ୟ ହୋଇ ରହିଥିଲା । ମାତ୍ର ଏଇ ନିକଟରେ ନୂଆ ମନ୍ତ୍ରୀମଣ୍ଡଳ ଗଠନ ବେଳେ କେନ୍ଦ୍ରାପଡ଼ା ଦୁଇଜଣ ବରିଷ୍ଠ ମନ୍ତ୍ରୀଙ୍କୁ ପାଇଛି । ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କୁ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ, ଶକ୍ତି, ଅତିକ୍ଷୁଦ୍ର, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିଭାଗ ମିଳିଥିବାବେଳେ ମନ୍ତ୍ରୀ ଅତନୁ ଶବ୍ୟଶାଚୀ ନାୟକଙ୍କୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ବିଭାଗ ମନ୍ତ୍ରୀ ଭାବେ ନିଯୁକ୍ତି ମିଳିଛି । ପୂର୍ବରୁ ଅତନୁ ଶବ୍ୟଶାଚୀ ଏବଂ ପ୍ରତାପ ଦେବ ବିଭିନ୍ନ

ବିଭାଗରେ ମନ୍ତ୍ରୀ ଭାବେ ସଫଳଳତାର ସହ କାର୍ଯ୍ୟ ତୁଲାଇଥିଲେ । ତେବେ ଏହି ଦୁଇ ପ୍ରବୀଣ ମନ୍ତ୍ରୀ କେନ୍ଦ୍ରାପଡ଼ାର ବିକାଶ ପାଇଁ ନିରନ୍ତର କାର୍ଯ୍ୟ କରି ଚାଲିବେ ବୋଲି ବିଭିନ୍ନ ମହଲରେ ଆଶା କରାଯାଉଛି ।

-ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଭୁବନେଶ୍ୱର, ମୋ-୯୩୩୭୩୬୯୪୪୮

କୋଣାର୍କରେ ବିଦ୍ୟୁତ ମହୋତ୍ସବ ପାଳିତ

କୋଣାର୍କ (ପିଏନ୍): ଭାରତ ସ୍ୱାଧିନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ସମଗ୍ର ଦେଶରେ ଆଜାଦୀକା ଅମୃତ ମହୋତ୍ସବ ପାଳନ କରାଯାଉଛି । ଏହି ଅବସରରେ ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ଓ ଓଡିଶା ସରକାରଙ୍କ ଶକ୍ତି ବିଭାଗ, ପିଜିସିଆଇଏଲ, ଓପିଟିସିଏଲ, ଟିପିସିଓଡିଏଲର ମିଳିତ ଉଦ୍ୟମରେ ଶୁକ୍ରବାର ପୂର୍ବାହ୍ନରେ କୋଣାର୍କସ୍ଥିତ ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ ଉଜ୍ଜ୍ୱଳ ଭାରତ, ଉଜ୍ଜ୍ୱଳ ଭବିଷ୍ୟ ପାୱାର ଆଦିରେଟ୍‌୨୦୪୭ ବିଦ୍ୟୁତ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସାମ୍ପ୍ରତିକ ସମୟରେ ବିଜୁଳି ଏକ ଅପରିହାର୍ଯ୍ୟ ଆବଶ୍ୟକତା ହୋଇ ପଡିଥିବା ବେଳେ ବିଦ୍ୟୁତର ସଦ୍ ବ୍ୟବହାର ଓ ବିଦ୍ୟୁତ ସଂଚୟ ନେଇ ପ୍ରତ୍ୟେକ ଉପଭୋକ୍ତା ସଚେତନ ହେଲେ ଭବିଷ୍ୟତ ପାଇଁ ଶକ୍ତି ସଂଚୟ ହୋଇପାରିବ ବୋଲି ଯୋଗଦେଇଥିବା ଅତିଥିମାନେ ମତପୋଷଣ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ପୁରୀ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସ୍ୱାଧିନ କୁମାର ନାୟକ, କୋଣାର୍କ ଏନଏସି ଅଧ୍ୟକ୍ଷା ସୁଶ୍ରୀ ସଯୁକ୍ତା ତ୍ରିପାଠୀ, କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ନିମାପଡା ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ଓପିଟିସିଏଲ ମହାପ୍ରବନ୍ଧକ ପ୍ରଶାନ୍ତ କୁମାର ପଟ୍ଟନାୟକ, ଟିପିସିଓଡିଏଲର ଏସଇ ଜିତେନ୍ଦ୍ର କୁମାର ମିଶ୍ର, ପାୱାର ଗ୍ରୀଡର ମହାପ୍ରବନ୍ଧକ ଏସ କେ ନାୟକ ପ୍ରମୁଖ ଯୋଗଦେଇ ଅତୀତ ଓ ବର୍ତ୍ତମାନର ବିଦ୍ୟୁତ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିବା ସହ ଉପଭୋକ୍ତାମାନଙ୍କ ମଧ୍ୟରେ ସୁସମନ୍ୱୟ, ସୁସମ୍ପର୍କ ରକ୍ଷା କରିବା, ବିଦ୍ୟୁତର ସଦୁପଯୋଗ କରିବା, ସୁରକ୍ଷା ଓ ବିଦ୍ୟୁତ ବିଭାଗର ଦାୟିତ୍ୱ, ସ୍ୱାଧୀନତା ପରବର୍ତ୍ତୀ ସମୟରେ ବିଜୁଳିର ଉପଲବ୍ଧି ସର୍ବପରି ବିଦ୍ୟୁତ ବିଭାଗ ସଠିକ ସେବା ଯୋଗାଇବା ସହ ରକ୍ଷଣା ବେକ୍ଷଣ ଠିକ୍ ଭାବେ ସମ୍ପାଦନ କରିବା ଏବଂ ଉପଭୋକ୍ତାମାନେ ସଠିକ ସମୟରେ ଦେୟ ପ୍ରଦାନରେ ସହଯୋଗ ପାଇଁ ଅତିଥିମାନେ ମତପୋଷଣ କରିଥିଲେ । ଏହି ଅବସରରେ ଉପଭୋକ୍ତାମାନେ ବିଦ୍ୟୁତ ସଂସ୍କାର ସମ୍ପର୍କରେ ବିବିଧ ମତାମତ ଉପସ୍ଥାପନ କରିଥିଲେ । ବର୍ତ୍ତମାନ ଶକ୍ତି କ୍ଷେତ୍ରରେ ସମଗ୍ର ଦେଶକୁ ଏକ ଗ୍ରୀଡ ଏକ ଫ୍ରିକ୍ୱେନ୍ସି ସହ ସଂଯୋଗ କରି ୧.୬ ଲକ୍ଷ ସର୍କିଟ କିଲୋମିଟର ଟ୍ରାନ୍ସମିସନ

ଲାଇନ ଯୋଗ କରାଯାଇଛି । ୨୦୧୮ ରେ ଶତକଡା ଶହେ ଭାଗ ଗ୍ରାମ୍ୟ ବିଦ୍ୟୁତିକରଣ ଓ ଘରୋଇ ବିଦ୍ୟୁତିକରଣ ହାସଲ କରାଯାଇଛି । ବ୍ୟବସ୍ଥାକୁ ସୁଦୃଢ ନିମନ୍ତେ ୨.୦୨ ଲକ୍ଷ କୋଟି ଟଙ୍କା ବିନିମୟରେ ଗ୍ରାମାଞ୍ଚଳରେ ୨୦୧୫ ରେ ଥିବା ୧୫ ଘଣ୍ଟା ବିଦ୍ୟୁତ ଯୋଗାଣକୁ ବର୍ତ୍ତମାନ ହାରାହାରି ୨୨.୫ ଘଣ୍ଟାକୁ ବୃଦ୍ଧି କରାଯାଇଛି । ଦ୍ରୁତ ବେଗରେ ବୃଦ୍ଧି ପାଉଥିବା ଅକ୍ଷୟ ଶକ୍ତି କ୍ଷମତା ୨୦୧୪ ରେ ଥିବା ୭୬ଟି ଗିଗା ୱାଟରୁ ବର୍ତ୍ତମାନ ୧୬୦ଗିଗା ୱାଟକୁ ଦିଗୁଣିତ ହୋଇଛି । ୨୦୨୧ରେ ୪୦ପ୍ରତିଶତ ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷମତା ମିଶ୍ରଣ ହାସଲ କରି ବିଶ୍ୱରେ ଚତୁର୍ଥ ସ୍ଥାନରେ ରହିଛି । ୧୬୯ ଗିଗା ୱାଟ ଉତ୍ପାଦନ କ୍ଷମତା ଯୋଡ଼ି ହୋଇ ଆମ ଦେଶକୁ ଶକ୍ତି ଅଭାବରୁ ଅତ୍ୟଧିକ ଶକ୍ତିରେ ପରିଣତ କରିଛି ବୋଲି ବିଦ୍ୟୁତ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା । ପାୱାର ଗ୍ରିଡର ଜି ଏମ୍ ଶକୁନ୍ତଳା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ପିଜିସିଆଇଏଲ, ଓପିଟିସିଏଲ, ଟିପିସିଓଡିଏଲ ର ଅଧିକାରୀ ଓ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶକ୍ତି କ୍ଷେତ୍ରରେ ସଚେତନତା ପାଇଁ କ୍ଷୁଦ୍ର ଚଳଚ୍ଚିତ୍ର, ନୁକ୍କଡ ନାଟକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

ମରଣଯନ୍ତା ପାଲଟିଛି ଥାନୁଆଳ-ତରିଆ ରାସ୍ତା

ଧର୍ମଶାଳା (ପିଏନ୍): ବର୍ଷେ ଗଲାନି ଅଧ କୋଟି ଟଙ୍କାର ରାସ୍ତା । ୩ବର୍ଷ ହେଲା ମରଣଯନ୍ତା ପାଲଟିଛି ଧର୍ମଶାଳା ବ୍ଲକ ଅନ୍ତର୍ଗତ ଥାନୁଆଳ-ତରିଆ ପୂର୍ତ୍ତ ବିଭାଗ ରାସ୍ତା । ଶହ ଶହ ଖାଲଖମାରେ ରାସ୍ତା ଭର୍ତ୍ତି । ଏନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କଲେ ମଝିରେ ମଝିରେ ରାସ୍ତାରେ କିଛି କିଛି ବଜୁରି ଗୁଣ୍ଡ ପକାଇ ଦିଆଯାଏ । ଦିନ କେଇଟାରେ ବଜୁରି ଗୁଣ୍ଡ ଉଠିଯାଇ ରାସ୍ତାରେ ଆହୁରି ଅଧିକ ଗାଡ଼ ହୋଇଯାଏ । ଖରା ହେଲେ ରାସ୍ତାରେ ପ୍ରବଳ ଧୂଳି ଉଡ଼େ । ବର୍ଷା ହେଲେ କାଦୁଅ ପଚପଚ ରାସ୍ତାରେ ଯାତାୟତ କରିବା କଷ୍ଟକର ହୋଇପଡ଼େ । ଏମିତି ଦୁର୍ଦ୍ଦଶା ମଧ୍ୟରେ ପ୍ରତ୍ୟହ ହଜାର ହଜାର ଲୋକ, ଶହ ଶହ ଗାଡ଼ି ମୋଟର ଓ ଭାରୀଯାନ ଯାତାୟାତ କରୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ବିଭାଗର ନିଦ ଭାଙ୍ଗୁନାହିଁ । ପ୍ରକାଶ ଯେ, ଥାନୁଆଳ-ତରିଆ ରାସ୍ତାର ବିଭିନ୍ନ ସ୍ଥାନରେ ବହୁ ଖାଲଖମା ସୃଷ୍ଟି ହୋଇ ଏହା ଗମନାଗମନ ଅନୁପଯୋଗୀ ହୋଇପଡ଼ିଥିଲା । ଅଞ୍ଚଳବାସୀଙ୍କ ବାରମ୍ବାର ଦାବି ପରେ ପୂର୍ତ୍ତ ବିଭାଗ ପକ୍ଷରୁ ୨୦୧୮ ଶେଷ ଆଡ଼କୁ ୫୦ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇ ଉକ୍ତ ରାସ୍ତାକୁ ସୁଦୃଢ଼ କରାଯାଇଥିଲା । ମାତ୍ର ନିର୍ମାଣର ମାସ କେଇଟାରେ ଏହି ରାସ୍ତାର ବିଭିନ୍ନ ସ୍ଥାନରେ ପିଚୁ ଉଠିଯାଇ ବହୁ ଖାଲଖମା ସୃଷ୍ଟି ହୋଇଥିଲା । ଏପରିକି ରାସ୍ତାରୁ ପିଚୁ ସହିତ ମୋରମ୍, ସ୍ପର ଓ ମାଟି ମଧ୍ୟ ଉଠିଗଲାଣି । ରାସ୍ତାରେ ଶହ ଶହ ସଂଖ୍ୟାରେ ବଡ଼ ବଡ଼ ଖାଲ ଓ ଗୁଳା ସୃଷ୍ଟି ହୋଇଥିବାରୁ ଏହା ଗାଡ଼ିମୋଟର ଯାତାୟାତରେ ବାଧା ସୃଷ୍ଟି କରୁଛି । ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି । ଏହି ରାସ୍ତା ଦେଇ ନିକଟସ୍ଥ କାନପୁର, କଣ୍ଟାମାଳିଆ, ଥାନୁଆଳ, ମୁରାରୀପୁର, ଯୋଗରଡ଼ା, ରଘୁନାଥପୁର, ଖୁଣ୍ଟା ଗ୍ରାମବାସୀଙ୍କ ସମେତ ଆରୁହା, ହରିଦାସପୁର, ପାଖର ଓ ତରିଆ ପଞ୍ଚାୟତର ହଜାର ହଜାର ଲୋକ ପ୍ରତିଦିନ ପୂର୍ବ ଦିଗରେ ଥିବା ଜାରକା ଓ ଧର୍ମଶାଳା ବଜାରକୁ ବିଭିନ୍ନ ସରକାରୀ ଓ ଅନ

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪



ଭୁବନେଶ୍ୱର, ୨୦୨୨, ଜୁଲାଇ ୩୧

ଉତ୍ପାତର ପ୍ରତିକାର ହେଉ !

କରୋନା ଭାଇରସରୁ ମହାଉତ୍ପାତ, ପରେ ପରେ ବସନ୍ତ ରୋଗ ଭଉଣୀ ଆସିବା ପରି ପଛେ ପଛେ ଡେଲଟା, ଓମିକ୍ରନ୍ ଭାଇରସରୁ ରୋଗ ଉତ୍ପାତରେ ସଂସାର ତ୍ରାହି ତ୍ରାହି। ସମୁଦ୍ରରୁ ମାଡ଼ି ଆସୁଛି ମହାବାତ୍ୟା ସୁନାମୀ ଟର୍ଣ୍ଣାଡୋ ପରି ଉତ୍ପାତ। କେତେବେଳେ ପଙ୍ଗପାଳ ଝିଣ୍ଟିକା ତ କେତେବେଳେ ଚକଡ଼ା ପୋକ ଫଳନଶୀଳ ଶସ୍ୟ ନଷ୍ଟ କରିବା ଉତ୍ପାତ ଆସୁଛି। ଅଦିନ ବର୍ଷା ବା ହଠାତ୍ ବାଦଲଫଟା ବର୍ଷା। ନାହିଁ ନଥିବା ଉତ୍ପାତ କରି ଅତି ଦୁଃଖକଷ୍ଟରେ ଲୋକଙ୍କ ଧନ ସମ୍ପଦ ଜୀବନ ନଷ୍ଟ କରୁଛି। ଆମ ରାଜ୍ୟରେ ବହୁ ସ୍ଥାନରେ ଜନପଦରେ ହାତୀପଲଙ୍କ ଉତ୍ପାତ, ମାଙ୍କଡ଼ ଯୋଗୁ ଫସଲ ନଷ୍ଟ ପୁଣି ଲୋକେ ଡରରେ ବିରକ୍ତିରେ ଫସଲରେ ମନ ଦେଉନାହାଁନ୍ତି। ପୂର୍ବେ ଫଳ ପରିବା ମାଙ୍କଡ଼ ଖାଉଥିଲେ, ଏବେ ଶାଗପତ୍ର, ରଖୁନାହାଁନ୍ତି। ସେମାନେ ବି ପେଟବିକଳିଆ ଭୋଜନ ଲିପ୍ତ ହୋଇଗଲେଣି। ଷଣ୍ଢ ସଂଖ୍ୟା ସହର ଗ୍ରାମ ସର୍ବତ୍ର ଦୃଶ୍ୟ। ଏମାନଙ୍କୁ ଲଗା ନାହିଁ ପଘା ନାହିଁ। ହିନ୍ଦୁଧର୍ମର ବିଶ୍ୱାସ ଦୃଷ୍ଟେ ଷଣ୍ଢଙ୍କୁ ଖୋଲା ଛଡ଼ାଯାଇଛି ତାର କେହି ମନୁଷ୍ୟ ମାଲିକ ନାହାଁନ୍ତି ଯେ ଦଣ୍ଡ ଭୋଲ୍ଭା ହେବେ। ଷଣ୍ଢ ଦ୍ୱାରା କୌଣସି କ୍ଷେତରେ ଫସଲ ନଷ୍ଟ ହେଲେ ଏହାର ଉତ୍ତରଦାୟୀ କେହି ନୁହଁନ୍ତି। ଦିନ ଥିଲା ଦେଶୀ ଗାଈ ଦେଶୀ ପରମ୍ପରା ଷଣ୍ଢର ସମୟ ସମୟକ୍ରମେ ଗୋଦୁଗ୍ଧର ଅତ୍ୟଧିକ ପ୍ରଲୋଭନରେ ଲୋକେ ଆଗ୍ରହାନ୍ୱିତ ହେଲେ। ଶଙ୍କରଗାଈ ପ୍ରତି ଆଗ୍ରହ ବଢ଼ିବା ସହିତ ଗୋ ପ୍ରଜନନର ପାରମ୍ପରିକ ଧାରାରେ ରୋକ ଲାଗିଲା। ସରକାରଙ୍କ ବୃଷ-ଶୁକ୍ର ସଂରକ୍ଷଣ ଡାକ୍ତରଖାନାମାନଙ୍କରେ ଗାଈମାନଙ୍କୁ ଇଂଜେକ୍ସନ ଦ୍ୱାରା ଗର୍ଭବତୀ ଚେଷ୍ଟା ଚାଲୁହେଲା। ଗାଈ ବାଛୁରୀ ପାଇଁ ସମସ୍ୟା ଆସିଲା ନାହିଁ। ଅଣ୍ଡିରା ବାଛୁରୀ ପାଇଁ ସମସ୍ୟା ଆସିଲା, ଯାହାଙ୍କର ଯୁଆଳି ମଈ ଟାଣିବା ପାଇଁ କାନ୍ଧ ପୂର୍ବର ଦେଶୀ ବଳଦଙ୍କ ସଦୃଶ ରହିଲା ନାହିଁ। ଫଳରେ ଜର୍ସି ଅଣ୍ଡିରା ବାଛୁରୀଙ୍କୁ ଷଣ୍ଢ କରି ଅନେକ ଛାଡ଼ିଲେ, ଯେଉଁ ଷଣ୍ଢ ଏବେ ଦେଖାଯାଉଛନ୍ତି। ସେମାନେ ଏ ମଧ୍ୟରୁ ବହୁଳ। ଏପରି ଅଣ୍ଡିରା ବାଛୁରୀ ଅଦରକାରୀ ଭାବି ଅନେକ ଗୋପାଳକ ଗାଈଙ୍କୁ ମଳେଇରେ ଦୁହିଁବା ସହିତ ବାଛୁରୀମାନଙ୍କୁ କ୍ଷୀର ନ ପିଆଇ ଶିଶୁକାଳରୁ ରୋଗାକରି ଦୁର୍ବଳ କରି ମାରିଦିଅନ୍ତି। ଯେଉଁମାନେ ରହିଗଲେ, ସେମାନେ ବୃଷଭ ହୋଇ ପରେ ଇତଃସ୍ତତ କ୍ଷେତ ନଷ୍ଟକାରୀ ହେଲେ। କ୍ଷେତ୍ର ଶସ୍ୟ ଉଜୁଡିଗଲେ ଲୋକେ ମୁଣ୍ଡରେ ହାତଦେବା ଛଡ଼ା ଉପାୟ କ'ଣ ?

ଗ୍ରାମ ସହରରେ ବୁଲା କୁକୁର ସମସ୍ୟା ଏବେ ଜଟିଳ। କୁକୁର କାମୁଡ଼ା ଇଞ୍ଜେକ୍ସନ ବେଳେବେଳେ ସରକାରୀ ଡାକ୍ତରଖାନାରେ ଅଭାବ, ଜଳାତଙ୍କ ରୋଗ ଏଇ କୁକୁର କାମୁଡ଼ାରୁ ହିଁ ହେଉଛି। କୁତୀ ଏକ ସମୟରେ ୩/୪ ପିଲା ପ୍ରସବ କରନ୍ତି। ପୁଣି ବର୍ଷକୁ ବର୍ଷ ଏପରି ସଂଖ୍ୟା ବଢୁଛି। ଘରୋଇ କୁକୁରମାନେ ମାଲିକର ବନ୍ଧନରେ ବା ନଜରରେ ରହିପାରନ୍ତି; ମାତ୍ର ବୁଲାକୁକୁର ଉତ୍ତରଦାୟୀ ସେପରି କେହି ନାହାଁନ୍ତି। ରାସ୍ତାରେ କୁକୁର ପଦଚାରୀଙ୍କୁ ବେଳେବେଳେ କାମୁଡୁଛନ୍ତି। ଅନେକ କୁକୁର ଯାନବାହନ ଦୁର୍ଘଟଣାର କାରଣ ବି ହେଉଛନ୍ତି। ପୂର୍ବେ ମେଷ ଛାଗଳଙ୍କୁ ଜଗିବା ପାଇଁ ଓ ଶୃଗାଳ, ହେଟା ଆଦି ଜଙ୍ଗଲି ଛପି ମେଷ ଛାଗଳ ଶାବକଙ୍କୁ ଭିଡ଼ିନେବାରେ ପ୍ରତିବନ୍ଧକ ପାଇଁ ଏହି କୁକୁରମାନେ ସହାୟକ ଥିଲେ, ଏବେ ଏହା ନାହିଁ। ବିଲୁଆ ଶେଷକୁ। କୁକୁର ସଂଖ୍ୟା ବୃଦ୍ଧି ଏକ ଜଟିଳ ସମସ୍ୟା ବେଳକୁ ବେଳ ବଢୁଛି। ମ୍ୟୁନସିପାଲିଟି ଅଞ୍ଚଳରେ କୁକୁରମାନଙ୍କୁ ଅନେକ ସମୟରେ ଧରିନେଇ ମାରିଦିଆଯାଉଛି; ପୁଣି କୁତୀମାନଙ୍କୁ ବନ୍ଧ୍ୟା କରିଦିଆଯିବା ଶ୍ୱାନମାନଙ୍କୁ କ୍ଲାବ କରି ଦିଆଯିବା ବ୍ୟବସ୍ଥା ଅଛି; ହୁଏତ ଏହା ଠିକ୍ ଭାବରେ ହେଉନାହିଁ, ଯାହାଫଳରେ ଏଇ ଜୀବ ଉତ୍ପାତରେ ଆସିଯାଉଛନ୍ତି।

ମଶା ଉତ୍ପାତ ଏବେ ବଢ଼ି ଚାଲିଛି। କି ସହର କି ଗ୍ରାମ ମଶାଙ୍କ ଦୌରାତ୍ମ୍ୟ ଜଟିଳ। ମ୍ୟାଲେରିଆ, ଡେଙ୍ଗୁ, ଫାଇଲେରିଆ ବ୍ୟାଧିର ଉତ୍ପାତ ଏଇ ମଶାଙ୍କ ଯୋଗୁଁ ହିଁ ହେଉଛି। ଅତୀତରେ ସରକାର ମ୍ୟାଲେରିଆ, ଫାଇଲେରିଆ ରୋଗ ନିରାକରଣ ଯୋଜନା କରିଥିଲେ। ସମସ୍ତ ଘରେ ବର୍ଷରେ କିଛିଥର ଡି.ଡି.ଟି. ସରକାରଙ୍କ ଦ୍ୱାରା ପଡୁଥିଲା, ମଶା ନିରାକରଣ ପାଇଁ ଜନଶିକ୍ଷା ଦିଆଯାଉଥିଲା। ଜନସଚେତନ ସରକାରଙ୍କର ଦ୍ୱାରା ସ୍ୱାସ୍ଥ୍ୟ ବିଭାଗ ତରଫରୁ କରାଯାଉଥିଲା। ଏପରି ବ୍ୟବସ୍ଥା ଥିଲା ସରକାରୀ ପୁରୁଣା ନଥିରେ ଖୋଜିଲେ ମିଳିବ। ହେଲେ ମଶା ଉତ୍ପାତ ରୋଗ ଉତ୍ପାତ ବେଳେ ଏହି ସମୂହ ଆକ୍ରାନ୍ତ ବିଷୟକୁ ଠିକ୍ ଭାବରେ ବର୍ତ୍ତମାନ ନିରାକରଣ ଚିନ୍ତା କରାଯାଉନାହିଁ। ଅନେକ ରାଜକୀୟ କାର୍ଯ୍ୟାଳୟରେ ପି.ସି. ନଦେଲେ ପ୍ରଜାଟିର କାର୍ଯ୍ୟ ଉପଯୁକ୍ତ ନିୟମରେ ଓ ସମୟରେ ହୋଇପାରୁନାହିଁ। ରାଜକୀୟ ଚେଷ୍ଟାରେ କୌଣସି ରାସ୍ତା ନିର୍ମାଣ, ପୋଲ ନିର୍ମାଣ, ଗୃହ ନିର୍ମାଣ ଆଦିରେ ଜଡ଼ିତ ରହିଥିବା ବିଭାଗୀୟ କର୍ତ୍ତା ବାବୁମାନେ ଠିକାଦାର ସପ୍ଲାୟରଙ୍କଠାରୁ ପର୍ସେଣ୍ଟ ଉତ୍‌କୋଚ ନ ଦେଲେ କାମ ଆଗଉନାହିଁ। ରାଜ୍ୟ ଭିଜିଲାନ୍ସ ବିଭାଗ ଏମିତି ଧରିବା ଦେଖାଯାଉଛି। ହେଲେ ଏହା କାঁଭାঁ ନୁହେଁ ବହୁଳ ଏବେ ଦେଖାଗଲେ ବି ଘଟଣା ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ହେଲା ଲୋକେ ହୁଅନ୍ତୁ ବା ସେହି ରାଜକର୍ମଚାରୀମାନେ ଠିକ୍ ଜାଣିବା ସମ୍ଭବ ହେଉନାହିଁ। ଫଳତଃ ପ୍ରକୃତ ପ୍ରଜାମଙ୍ଗଳ କାନୁନରେ ଯେ ଉତ୍ପାତ ରହିଛି ଏହା ବୁଝାପଡ଼ିଯାଉଛି। ଏକ ଦରମାରେ କର୍ମଚାରୀ କେତେକ ଦ୍ରୁତ ସମ୍ପତ୍ତି ଧନ କେମିତି ବଢ଼ାଉଛନ୍ତି ? ସେହିପରି ଅନ୍ୟ କର୍ମଚାରୀମାନେ ବି ଦେଖି ତାଜୁବ ନିଶ୍ଚୟ ହେଉଥିବେ। ନେତାଙ୍କ କର୍ମପରିସର ପାଞ୍ଚବର୍ଷ, ପାଞ୍ଚବର୍ଷର ପୂର୍ବ, ପାଞ୍ଚବର୍ଷର ପର, ଦୁଇଟିର ସ୍ୱ-ଅର୍ଥନୈତିକ ପରିସର କେବେ ସାର୍ବଜନୀନ କରାଯାଉନାହିଁ। କିଛି ଉହ୍ୟ ରହିବାରୁ ରାଜନେତା ହେବାକୁ ପ୍ରଲୋଭନ ବଢୁଛି। ପ୍ରକୃତରେ ଦେଶଭକ୍ତ ନେତା ହିଁ ରାଜ ଓ ଋଷିର ମିଶ୍ରଣ ରାଜର୍ଷି ପଦ। ନେତାମାନେ ସ୍ୱ-ଅଞ୍ଚଳର ଅଭାବ ଅସୁବିଧା ଦ୍ରୁତ ଖଣ୍ଡନକାରୀ ହୋଇପାରନ୍ତି। ସେମାନଙ୍କୁ ମିଳୁଥିବା ହାତପାଣ୍ଠିକୁ ଲୋକଙ୍କୁ ଭେଳାଇ, ଲୋକଙ୍କୁ ମନେଇ, ତାଙ୍କରି ଶ୍ରମରେ ରାଜଧନ ବିନିଯୋଗ କରି ବଡ଼ ବଡ଼ କାମ କରାଇପାରନ୍ତେ। ଏମିତି କେତେଜଣ ଅତୀତରେ କରିବା ନଜିର ଅଛି। ହେଲେ ଏପରି କରିବାରେ ନିଜର ନାମ ନେମପ୍ଲେଟ, ପଥରରେ ନାମ ଖୋଦେଇ, ଫଟୋ, ଖବରକାଗଜ, ଟିଭି, କ୍ୟାମେରା ସଂଶ୍ଳିଷ୍ଟରେ କେତେ ଖର୍ଚ୍ଚ ଏବେ ଲାଗୁଛି, ଆଉ ପର୍ବତର ମୂଷିକ ପ୍ରସବ କାର୍ଯ୍ୟ ହେବା ଦେଖାଯାଉଛି। ଏହା ବି ଉତ୍ପାତ ଦିଗକୁ ବଢୁଛି। ପ୍ରଜାଙ୍କ ଧନ ପ୍ରଜାଙ୍କ ଉନ୍ନତିରେ ନଲାଗିବା କେବେ ଗଣତନ୍ତ୍ରର ମଙ୍ଗଳ ନୁହେଁ। ଏପରି ଅନେକ ଛୋଟ ବଡ଼ ଉତ୍ପାତ ଚାଲିଛି। ଏହାକୁ ହେଜ କରି ଉତ୍ପାତ ଶାନ୍ତିରେ ରାଜ ପ୍ରଶାସନ ଜନସାଧାରଣ ଉପଯୁକ୍ତ ବିଧାନରେ ମନ ଲଗାନ୍ତୁ। ଜଡ଼ ଖୋଜି ପ୍ରତିକାର ଉପାୟ କରନ୍ତୁ। ଅତୀତର ଅବତାରମାନେ ଜଡ଼ର ଶେଷ କରି ପରିବେଶ ଶାନ୍ତ କରିବା ଶାସ୍ତ୍ରଭକ୍ତି ରହିବ।

ଉତ୍କଳାନନ୍ଦ ଅଜୟ କୁମାର ବେହେରା
ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୦୩୧୨୫୩

ଆଜିର ଅନୁଚିନ୍ତା

ସଂସାରର ବ୍ୟବହାରକୁ ଜାଣିଥିବା ବ୍ୟକ୍ତି ହେଉଛି ସର୍ବଜ୍ଞ ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉତ୍‌ସୁକ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

ଆବେଙ୍କ ଯୁଗର ଅବସାନ

ସୌମେନ୍ଦ୍ର ଜେନା

ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେଙ୍କର ଗୁଳିମାଡରେ ମୃତ୍ୟୁହେବା ଘଟଣା ଭାରତ ସମେତ ପୃଥିବୀର ଅନେକଗୁଡିଏ ରାଷ୍ଟ୍ରରେ ଦୁଃଖଦ ଖବର ହୋଇଛି। ସ୍ୱର୍ଗତଃ ଆବେ ଯେପରି ଜଣେ ସଫଳ ରାଜନେତା ଥିଲେ, ସେମିତି ଥିଲେ ଦେଶ ନିର୍ମାତା। ଅଧିକ ସମୟ ପାଇଁ ସେ ଜାପାନର ପ୍ରଧାନମନ୍ତ୍ରୀ ହେବାସହ ବିକାଶମୁଖୀ ଅର୍ଥନୀତିର ଯେଉଁ ସଫଳ ଢାଞ୍ଚାଟିକୁ ଛିଡା କରାଇଥିଲେ, ତାହା ଆବେକୋନୋମିକ୍ସ ବା ଆବେଙ୍କ ଅର୍ଥନୀତି ଭାବେ ପ୍ରସିଦ୍ଧି ଲାଭ କରିଛି। ଗୋଟିଏ ପଟେ ଗଣତନ୍ତ୍ରର ମୂଲ୍ୟବୋଧକୁ ସମ୍ମାନ ଦେଇ ଅନ୍ୟପଟେ ଶିଳ୍ପ ଓ ଅର୍ଥନୀତିର ବିକାଶ ପାଇଁ ଜାପାନ ସମେତ ଅନେକ ସହଯୋଗୀ ରାଷ୍ଟ୍ରରେ ସୁଦୃଢ ଢାଞ୍ଚା ନିର୍ମାଣରେ ଆବେ ସହଯୋଗ କରିଥିଲେ। ଭାରତର ବୁଲେଟ ଟ୍ରେନ ପ୍ରକଳ୍ପ, ବାରାଣାସୀର ବିକାଶମୁଖୀ ପ୍ରକଳ୍ପ, ଉତ୍ତର ପୂର୍ବାଞ୍ଚଳର ରେଳ ଯୋଗାଯୋଗ ସଂପ୍ରସାରଣ, ଅନେକ ରାଜ୍ୟରେ ଜଳ ଓ ବର୍ଜ୍ୟ ପରିଚାଳନା କ୍ଷେତ୍ରରେ ଜାପାନର ଆର୍ଥିକ ସହାୟତା ପଛରେ ଆବେଙ୍କ ଆବେଗିକ ସଂପର୍କ ରହିଥିଲା। ଶାରୀରିକ ଅସୁସ୍ଥତା କାରଣରୁ ନିଜେ ୨୦୨୦ରେ ପ୍ରତ୍ୟକ୍ଷ ରାଜନୀତିରୁ ଓହରି ଯାଇଥିଲେ ହେଁ ନିଜ ଦଳପାଇଁ ସମୟ ବାହାର କରି ସେ କାର୍ଯ୍ୟ କରୁଥିଲେ। ପଶ୍ଚିମ ଜାପାନର ସହର ନାଟାଠାରେ ଦଳପାଇଁ ନିର୍ବାଚନ ପ୍ରଚାର କରୁଥିବା ସମୟରେ ଜଣେ ପୂର୍ବତନ ଜଳସେନା କର୍ମୀର ଗୁଳିମାଡରେ ଆବେଙ୍କ ଦେହାନ୍ତ ହେଲା। ତାଙ୍କ ଶରୀରରେ ଦୁଇଟି ଗୁଳି ବାଜିଥିଲା। ଗୋଟିଏ କାନ୍ଧହାଡର ଧମନୀକୁ ନଷ୍ଟ କରିଦେବା ହେତୁ ତାଙ୍କ ଶରୀରରୁ ପ୍ରଚୁର ରକ୍ତସ୍ରାବ ହୋଇ ହୃଦ୍‌ଘାତ ସୃଷ୍ଟି କରିବା ସହ ମୃତ୍ୟୁ ଆଡକୁ ଭିଡି ନେଇଥିଲା। ନେତାଜୀ ରିସର୍ଚ୍ଚ ବ୍ୟୁରୋ ପକ୍ଷରୁ ପ୍ରଦତ୍ତ ୨୦୨୨ର ନେତାଜୀ ପୁରସ୍କାର ୨୩ ଜାନୁଆରୀ ଦିନ ନେତାଜୀଙ୍କ ୧୨୫ତମ ଜନ୍ମବାର୍ଷିକୀ ଅବସରରେ କୋଲକାତାର ଏଲ୍‌ଗିନ ରୋଡସ୍ଥିତ ନେତାଜୀଙ୍କ ବାସସ୍ଥାନରେ ଆବେଙ୍କୁ ପ୍ରଦାନ କରାଯାଇଥିଲା। ସେହି ପୁରସ୍କାରକୁ ଭାରତରେ ଥିବା ଜାପାନର କନ୍‌ସଲ ଜେନେରାଲ ନାକାମୁରା ୟୁତାକା ଗ୍ରହଣ କରିଥିଲେ।

ଆବେ ୨୧ ସେପ୍ଟେମ୍ବର ୧୯୫୪ରେ ଟୋକିଓର ସିଞ୍ଜୁକୁଠାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଥିଲେ ସିନତାରୋ ଆବେ ଏବଂ ମାତା ୟୋକୋ କିସି। ଟୋକିଓର ଏକ ପ୍ରତିଷ୍ଠିତ ପରିବାରର ସେ ଥିଲେ ସଦସ୍ୟ। ଜାପାନର ଏକଦା ପ୍ରଧାନମନ୍ତ୍ରୀ ଥିବା ନୋବୁସୁରେ କିସିଙ୍କର ସେ ଥିଲେ ନାତି। ପିଲାଟି ବେଳୁ ସିନେ ନିର୍ମାତା ହେବାଲାଗି ଆଗ୍ରହ ରଖୁଥିବା ଆବେ ପରବର୍ତ୍ତୀ କାଳରେ ପାରିବାରିକ ପରମ୍ପରା ଅନୁଯାୟୀ ରାଜନୀତିକୁ ଆସିଥିଲେ। ତାଙ୍କ ପିତା ସିନ୍‌ତାରୋ ଆବେ ପ୍ରତିନିଧି ସଭାରେ ୧୯୫୮ରୁ ୧୯୯୧ ଯାଏଁ ସଦସ୍ୟ ରହିଥିଲେ। ସେ ମୁଖ୍ୟ କ୍ୟାବିନେଟ ସଚିବ, ଆନ୍ତର୍ଜାତିକ ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ, ବୈଦେଶିକ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ସେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜଣେ ଯୁଦ୍ଧ ସମର୍ପିତ ପାଇଲଟ ହେବାକୁ ଚେଷ୍ଟା କରୁଥିବା ମଧ୍ୟରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହୋଇଯାଇଥିଲା। ଆବେଙ୍କ ଅଜା ନୋବୁସୁକେ କିସି ଜାପାନ ଅଧିକୃତ ଉତ୍ତର ଚୀନ ଏବଂ ମାଞ୍ଚୁରିଆର ପ୍ରତିଷ୍ଠିତ ଆର୍ଥିକ ଅଧିକାରୀ ଥିଲେ। ଦ୍ୱିତୀୟ ଚୀନ-ଜାପାନ ଯୁଦ୍ଧକାଳରେ କିସି ପ୍ରଧାନମନ୍ତ୍ରୀ ହିଡେକି ତୋଜୋଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟ ଥିଲେ। ୧୯୫୫ରେ ଜାପାନରେ ଲିବେରାଲ ଡେମୋକ୍ରାଟିକ ପାର୍ଟି ସ୍ଥାପନାରେ କିସିଙ୍କ ଭୂମିକା ରହିଥିଲା। ସେ ୧୯୫୭ରୁ ୧୯୬୦ ଯାଏଁ ଜାପାନର ପ୍ରଧାନମନ୍ତ୍ରୀ ଦାୟିତ୍ୱରେ ଥିଲେ। ଆବେ ନିଜ ଅଜା କିସିଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ। ତାଙ୍କ ପ୍ରାଥମିକ ଶିକ୍ଷା ସେଇକେଇ ପ୍ରାଥମିକ ବିଦ୍ୟାଳୟ, ସେଇକେଇ ଜୁନିଅର ଏବଂ ସିନିଅର ହାଇସ୍କୁଲରେ ହୋଇଥିଲା। ପରେ ୧୯୭୭ରେ ସେଇକେଇ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସେ ସ୍ନାତକ ହୋଇଥିଲେ। ୧୯୭୮ରେ ଦକ୍ଷିଣ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇ ଇତିହାସ, ବୈଦେଶିକ ସଂପର୍କ, ରାଜନୀତି ବିଜ୍ଞାନର ତିନୋଟି ସେମିଷ୍ଟାରରେ ପରୀକ୍ଷା ଦେଇ ଶିକ୍ଷା ଶେଷହେବା ପୂର୍ବରୁ ଜାପାନକୁ ଫେରିଆସିଥିଲେ। କିଛିଦିନ ପାଇଁ ସେ କୋବେ ଷ୍ଟିଲରେ (୧୯୭୯-୮୨) ଚାକିରି କରିଥିଲେ। ପରେ ରାଜନେତାଙ୍କ ସହାୟକ ଭାବେ କାର୍ଯ୍ୟକରି ପରେ ବୈଦେଶିକ ମନ୍ତ୍ରୀ ଥିବା ପିତାଙ୍କର ସହାୟକ ଭାବେ କାର୍ଯ୍ୟ କରିଥିଲେ। ୧୯୯୧ରେ ପିତାଙ୍କ ମୃତ୍ୟୁପରେ ୟାମାଗୁଚି ପ୍ରଥମ ଜିଲ୍ଲାରୁ ସେ ନିର୍ବାଚନରେ ବିଜୟୀ ହୋଇ ୧୯୯୩ରେ ସଂସଦର ପ୍ରତିନିଧି ହୋଇଥିଲେ। ୧୯୯୯ରେ ଆବେ ସମାଜ କଲ୍ୟାଣ ବିଭାଗର ନିର୍ଦ୍ଦେଶକ, ୨୦୦୦ରୁ ୨୦୦୩ ମଧ୍ୟରେ ୟାଶିରୋ ମୋରି ଏବଂ ଜୁନିଚିରୋ କୋଇଜୁମିଙ୍କ ସରକାରରେ ଲିବେରାଲ ଡେମୋକ୍ରାଟିକ ପାର୍ଟିର ସାଧାରଣ ସଂପାଦକ ଦାୟିତ୍ୱ ନେଇଥିଲେ। ୨୩ ଏପ୍ରିଲ ୨୦୦୬ରେ ଶାସକ ଏଲ୍‌ଡିପିର ଅଧ୍ୟକ୍ଷ ଭାବେ ଆବେ ନିର୍ବାଚିତ ହୋଇଥିଲେ। ୨୦୦୬ରୁ ୨୦୦୭ ପର୍ଯ୍ୟନ୍ତ ଆବେ ଜାପାନର ପ୍ରଧାନମନ୍ତ୍ରୀ ହୋଇଥିଲେ। ତାଙ୍କର ପ୍ରଥମ ପାଳିର ପ୍ରଧାନମନ୍ତ୍ରୀ ଶାସନରେ ରାଷ୍ଟ୍ରୀୟ ସୁରକ୍ଷା, ବିଦେଶ ନୀତି, ଆର୍ଥିକ ନୀତି ଉପରେ ଅଧିକ ଜୋର ଦେଇଥିଲେ। କିନ୍ତୁ ଜାପାନକୁ ଦୁର୍ବଳ କରି ରଖିଥିବା ଦ୍ୱିତୀୟ ବିଶ୍ୱଯୁଦ୍ଧ ପର ସମ୍ବିଧାନକୁ ପରିବର୍ତ୍ତନ କରିବା ଆବେଙ୍କ ଲକ୍ଷ୍ୟ ରହିଥିଲା। ଜାପାନର ଇତିହାସ ପୁସ୍ତକର ପୁନର୍ଲିଖନ, ରାଷ୍ଟ୍ରବାଦୀ ଶିକ୍ଷା ପ୍ରଚଳନ ଉପରେ ସେ ଜୋର ଦେଇଥିଲେ। ୨୦୦୨ରେ ଉତ୍ତର କୋରିଆ ଅପହରଣକର୍ତ୍ତା ଜାପାନୀଙ୍କୁ ଅପହରଣ କରିବା ଘଟଣାରେ ଆବେ କ୍ଷୁବ୍ଧ ହେବା ସହ ଜାପାନୀମାନଙ୍କୁ ମୁକୁଳାଇବା ପରେ ଅପହରଣକାରୀକୁ ଜାପାନକୁ ଆସିବାକୁ ଅନୁମତି ଦେଇ ଫେରିବାର ରାସ୍ତା ବନ୍ଦ କରି ଦେଇଥିଲେ। ଏହି ଯୋଜନାରେ ସେ ସଫଳ ହେବା ସହ ଜାପାନରେ ଜନସମର୍ଥନ ହାସଲ କରିଥିଲେ। ନିଜ ଅଜାଙ୍କ ପରି ଆବେ ଚୀନ ପ୍ରତି କଠୋର ଦୃଷ୍ଟିକୋଣ ରଖିଆସିଥିଲେ। ଯେଉଁଥିପାଇଁ ଆବେଙ୍କୁ ଚୀନା ଲୋକେ ପସନ୍ଦ କରୁ ନ ଥିଲେ। ଆବେଙ୍କ ମୃତ୍ୟୁପରେ ଚୀନା ସୋସିଆଲ ମିଡିଆରେ ଅଧିକ ଆନନ୍ଦ ପ୍ରକାଶ ପାଇବା ଦେଖାଯାଇଥିଲା। ଆବେଙ୍କ ଅଜା ନୋବୁସିକେ କିସି ତାଇୱାନର ଚ୍ୟାଙ୍ଗ୍ କାଇ-ସେକଙ୍କ ସରକାରଙ୍କୁ ସମର୍ଥନ ଦେଉଥିଲେ। ତାଙ୍କ ମାମୁ ଐସାକୁ ସାତୋ ଶେଷ ଜାପାନ ପ୍ରଧାନମନ୍ତ୍ରୀ ଭାବେ ତାଇୱାନ ଗସ୍ତ କରିଥିଲେ। ଦକ୍ଷିଣ-ପୂର୍ବ ଏସିଆର ରାଷ୍ଟ୍ରଗୁଡିକ ସହ ସଂପର୍କକୁ ସୁଦୃଢ କରିବା ଉପରେ ଆବେ ଜୋର ଦେଇଥିଲେ।

ଜାପାନର ଋରିଥର ପ୍ରଧାନମନ୍ତ୍ରୀ ହୋଇଥିବା ଆବେ ତାଙ୍କ ଶାସନକାଳରେ ଭାରତ ସହ ବନ୍ଧୁତ୍ୱକୁ ସୁଦୃଢ କରିଥିଲେ। ଜାପାନ-ଆମେରିକା-ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ କ୍ୱାଡ ଗୋଷ୍ଠୀ ଗଠନର ସୂତ୍ରଧର ଥିଲେ ଆବେ। ଅଗଷ୍ଟ ୨୦୦୭ରେ ଭାରତକୁ ତିନିଦିନିଆ ଗସ୍ତରେ ଆସି ଭାରତ ସହ ଦ୍ୱିପାକ୍ଷିକ ଏସୀୟ ମେଣ୍ଟ ଗଠନକୁ ନେଇ ଆଲୋଚନା ଆରମ୍ଭ କରିଥିଲେ। ଭାରତରେ ଅଧିକ ପୁଞ୍ଜିନିବେଶ କରିବା ସହ ଆର୍ଥିକ କ୍ଷେତ୍ରରେ ଭାରତ-ଜାପାନର ସହଯୋଗକୁ ଅଧିକ ଗତିଶୀଳ କରିଥିଲେ। ସେ ତାଙ୍କ ପ୍ରଥମ ପ୍ରଧାନମନ୍ତ୍ରିତ୍ୱ କାଳରେ ଜାପାନର ପ୍ରତିରକ୍ଷା ଏଜେନ୍‌ସିକୁ ପୂର୍ଣ୍ଣ ମନ୍ତ୍ରଣାଳୟରେ ପରିଣତ କରିଥିଲେ। ଜାପାନ ସମ୍ବିଧାନର ଅନୁଚ୍ଛେଦ ୯ରେ ପରିବର୍ତ୍ତନ ଆଣି ଜାପାନର ପ୍ରତିରକ୍ଷା ବାହିନୀକୁ ଅଧିକ ସ୍ୱାଧୀନତା ପ୍ରଦାନପୂର୍

ମହମବତୀ

ରାଜଲକ୍ଷ୍ମୀ ତ୍ରିପାଠୀ

ଆଜିକାଲି କିଛି ଭଲ ଲାଗୁନି ସୁରମା କୁ ।ମନ ପ୍ରାୟ ଉଦାସ ରହୁଛି ।ବାପା ଙ୍କ ଉପରେ ବିରକ୍ତହେବା ତାର ଏକ ଅଭ୍ୟାସ ରେ ପରିଣତ ହୋଇଯାଉଛି ।ବାପା ମଧ୍ୟ ତାଙ୍କର ଖାଦ୍ୟ ଗ୍ରହଣ ଓ ସ୍ୱାସ୍ଥ୍ୟ ଜଗିବାର କାରଣ କୁ ନେଇ ଝିଅ ସୁରମା ର କଥାକୁ ଛୋଟ ପିଲାଟି ପରି ଶୁଣୁଛନ୍ତି କିନ୍ତୁ ମାନି ପାରୁନାହାନ୍ତି ।ରକ୍ତ ଶର୍କରା ଓ ରକ୍ତ ଚାପ ଉଭୟ ରୋଗରେ ପୀଡିତ ସୁରମା ର ବାପା ।ଭାତ ପ୍ରତି ଏତେ ଆସକ୍ତି ତାଙ୍କର ଯେ ଦିନକୁ ଦୁଇ ଥର ଭାତ ନଖାଇଲେ ଚଳେନି ।ରାତିରେ ଭାତ ଖାଇବାକୁ ଜିଦ୍ ଧରିଲେ ମା'ବିରକ୍ତ ହୋଇ କହେ :ସତୁରି ବର୍ଷ ପାଖେଇଲଣି,ପୁଣି ଏ ମଧୁମେହ ରୋଗ ରେ ଦୁଇ ବେଳା ଭାତ ନଖାଇଲେ କଣ ଚଳିବନି,ଭୋକିଲା ଲୋକ ପରି ଖାଇବାରେ ଏତେ ଆଗ୍ରହ ! ମା'ର ଏ କଥା ରେ ସୁରମା ଭାବେ 'ସତରେ,ସବୁବେଳେ ଭୋକିଲା ତା'ବାପା ।ଖାଇବାକୁ ମାଗିବେ କିନ୍ତୁ ଅଳ୍ପ ଟିକିଏ ଖାଇ ବାକି ସବୁ ଫେରାଇଦେବେ ।ଅଥଚ୍ ଖାଇବାଥାଳୀ ରେ କାହାକୁ ଖାଦ୍ୟ ଛାଡିବାର ଦେଖିଲେ ତାଗିଦ୍ କରି କହନ୍ତି: ଖାଦ୍ୟ କେବେ ନଷ୍ଟ କରିବନାହିଁ ।ଖାଦ୍ୟ ହିଁ ମହାଲକ୍ଷ୍ମୀ । ମା'ଡ଼ିଡିଯାଇ କହନ୍ତି 'ତୁମେ କାହିଁକି ତାହେଲେ ଖାଦ୍ୟ ଫେରାଉଛ ? ଏଣିକି ବହୁତ ଭୋକ ହେଲେ ଖାଇବାକୁ ଦେବି,ନହେଲେ ଦେବିନି ।' ମା'କଥାରେ ତିନିହେଁ ଖୁବ୍ ହସନ୍ତି । ରାତି ଅନେକ ହେଲାଣି ।ଆଖିକୁ ନିଦ ଆସୁନି ସୁରମା ର ।ଚେଷ୍ଟା କଲେ ବି ଶୋଇପାରୁନି ସେ ।ଅତୀତର ସ୍ମୃତି ସବୁ ଭାସି ଆସୁଛି ମନରେ ।ଗାଁ ରେ ଏକ ଛୋଟ ଚାଷୀ ପରିବାର ରେ ତାର ଜନ୍ମ ।ତା'ଠାରୁ ଦୁଇ ବର୍ଷ ବୟସରେ ସାନ ଭାଇ ଅମୀୟ ଓ ସେ ଉଭୟ ଭାଇ ଭଉଣୀ ଗାଁ ସ୍କୁଲ ରେ ପାଠ ପଢୁଥିଲେ । ଚାଷୀ ପରିବାର ର ନାନା ଅଭାବ ଅନାଟନ ସତ୍ତ୍ୱେ ବେଶ୍ ହସ ଖୁସି ରେ ଅତିବାହିତ ହେଉଥିଲା ସୁରମା ର କିଶୋରୀ ଜୀବନ । ମେଧାବୀ ଛାତ୍ରୀ ହେତୁ ଭବିଷ୍ୟତ ପାଇଁ ଅନେକ ସ୍ୱପ୍ନ ଦେଖୁଥିଲା ସେ । କିନ୍ତୁ ସବୁ ଚୁର୍ ମାର୍ ହୋଇଗଲା ଯେତେବେଳେ ବାପା ଙ୍କ ର ଆର୍ଥିକ ଅବସ୍ଥା ଅତି ଶୋଚନୀୟ ହୋଇ ପଡିଲା ।ମନେ ପଡିଲା ସୁରମା ର ,ସେ ବର୍ଷ କ୍ଷେତ ରେ ଭଲ ଫସଲ ନଥିଲା ।ଅଦିନିଆ ଝଡ଼ ଓ ବର୍ଷା ତାଙ୍କ ଜମି ର ଫସଲ ସବୁ ନଷ୍ଟ କରିଦେଇଥିଲା । ପରିବାର ର ଗୁଜୁରାଣ ମେଣ୍ଟାଇବା ପାଇଁ ବାପା ଅନ୍ୟ ମାନଙ୍କ ବିଲରେ କାମ କରନ୍ତି । ମା'ପୂର୍ବ ବର୍ଷ ର ସଂଚିତ ଚାଉଳ କୁ ଅଳ୍ପ ଅଳ୍ପ କରି ସବୁଦିନ ରାନ୍ଧ ? ।ଭାଇ ଭଉଣୀ ଦୁଇ ଜଣ ଖାଇ ସ୍କୁଲ ଯିବା ପରେ ବଳକା କିଛି ଖାଦ୍ୟ ରେ ବାପା ମା'ଙ୍କୁ ସନ୍ତୁଷ୍ଟ ହେବାକୁ ପଡେ ।ସୁରମା ଜାଣେ ଯେ ପରିବାର ର ଏତେ ଅଭାବ ,କଷଣ ମଧ୍ୟରେ ବାପା ତାଙ୍କର ଦୁଇ ପିଲାଙ୍କୁ ପାଠ ପଢାଇ ମଣିଷ କରିବାକୁ ଆପ୍ରାଣ ଉଦ୍ୟମ କରୁଥିଲେ । ସେ ବର୍ଷ ସୁରମା ର ମ୍ୟାଟ୍ରିକ ପରୀକ୍ଷା । ପରୀକ୍ଷା ପାଇଁ ଫର୍ମ ପୂରଣ କରିବାକୁ ତା' ବାପା ଙ୍କ ପାଖରେ ଟଙ୍କା ନଥିଲା କିମ୍ବା ଟଙ୍କା ଯୋଗାଡ କରିବାର କୌଣସି ବାଟ ଦେଖାଯାଉନଥିଲା । ଏପଟେ ପରୀକ୍ଷା ଦେବାପାଇଁ ସୁରମା ର ପ୍ରବଳ ଇଚ୍ଛା ଓ ଆଗ୍ରହ କୁ ସେ ଠିକ୍ ଭାବେ ଲକ୍ଷ୍ୟ କରିପାରୁଥିଲେ । ସୁରମା ର କାନ୍ଦ କାନ୍ଦ ଶୁଖିଲା ମୁହଁ ତାଙ୍କୁ ବ୍ୟଥିତ କରିବାରୁ, ସେ ସୁରମା ସ୍କୁଲ ର ପ୍ରଧାନ ଶିକ୍ଷକ ଙ୍କୁ ଭେଟିବାକୁ ବାହାରି ପଡିଲେ ।ପ୍ରଧାନ ଶିକ୍ଷକ ବେଣୁସାର୍ ଙ୍କୁ ସାଧାରଣ ରେ ସମସ୍ତେ ଅତି ସରଳ ଓ ଭଲ ମଣିଷ ଭାବେ ଜାଣନ୍ତି ।ତାଙ୍କ ଆଗରେ ନିଜ ପରିବାର ର ଦୁଃଖ ଓ ସୁରମାର ପାଠପଢା ପାଇଁ ନିଜର ଅକ୍ଷମତା ପ୍ରକାଶ କରିଥିଲେ ସୁରମା ର ବାପା ।ସୁରମା ପରି ମେଧାବୀ ଛାତ୍ରୀ ପାଇଁ ସହାନୁଭୂତି ଓ ଦୟା ପ୍ରକାଶ କରି ପରୀକ୍ଷା ପର୍ଯ୍ୟନ୍ତ ତାର ସମସ୍ତ ଦାୟିତ୍ୱ ନେବାର ପ୍ରତିଶ୍ରୁତି ବେଣୁସାର୍ ତା'ବାପା ଙ୍କ ଆଗରେ ରଖିଥିଲେ ।ଆଜି ବି ବେଣୁସାର୍ ଙ୍କ କଥା ମନେ ପଡିଲେ ସୁରମା ର ଆଖିରୁ କୃତଜ୍ଞତା ର ଅଶ୍ରୁ ବୋହିଯାଏ । ପରୀକ୍ଷା ପାଖେଇ ଆସିଲା । ଦେବତା ରୂପୀ ବେଣୁସାର୍ ,ବାପା ଙ୍କ ଆଗରେ ରଖିଥିବା ପ୍ରତିଶ୍ରୁତି କୁ ଠିକ୍ ଭାବେ ପାଳନ କରିଥିଲେ । ମ୍ୟାଟ୍ରିକ ପରୀକ୍ଷା ଆଉ ଦୁଇ ଦିନ ବାକୀ ।ପ୍ରସ୍ତୁତ ହେଉଥିଲା ସୁରମା, ସ୍କୁଲ କୁ ଯାଇ ତାକୁ ଆଡମିଟ୍ କାର୍ଡ଼ ଆଣିବାକୁ ହେବ ।ଦେଖିଲା ସାନଭାଇ ଖାଇ ବସିଛି ।ତରତର ରେ ଯାଇ ତା'ପାଖରେ ଖାଇବାକୁ ବସି ପଡିଲା ।ମା'ଥାଳି ରେ ଅଳ୍ପ ଗଣ୍ଡେ ଭାତ ଓ ଡାଲି ତା' ହାତକୁ ବଢାଇଦେଲେ ।ସୁରମା ଖାଇବା ବେଳେ ଭାବିଲା, 'ଆଜି ବୋଧେ ସବୁ ଚାଉଳ ସରିଗଲା, ତା'ହେଲେ ବାପା ,ମା'କଣ ଖାଇବେ ?' ଏତିକିବେଳେ ବାପା ରନ୍ଧା ଘର ଭିତରକୁ ପଶିଆସି ମା'ଙ୍କ ଆଡ଼କୁ ଡାହାଣ ହାତ ଟି ବଢ଼ାଇ ପାପୁଲି ମଝିରେ ବୁଢା ଆଙ୍ଗୁଠି ଟି ରଖି ଅତି କରୁଣ ସ୍ୱରରେ କହିଲେ ,'ଆଜି ଗଣ୍ଡେ ଭାତ ଦେବ କି ମତେ,ପନ୍ଦର ଦିନ ହେବ ସେ ଖୁଦ ଜାଉ ଖାଇ ପାଟିକୁ ଆଉ ଭଲ ଲାଗୁନି '।ଏକଥା ଶୁଣି ସୁରମା କୁ କିଛି ଅବୁଝା ନଥିଲା ଘରର ପରିସ୍ଥିତି ।ଆଖିରୁ ଲୁହ ପୋଛି ସ୍କୁଲ ଆଡେ ବାହାରିଲା ।ଦୁଃଖ ରେ ତାର କଙ୍କାଳ କୋରି ହୋଇ ଯାଉଛି ।କିଛି ସମୟ ରାସ୍ତାରେ ଠିଆ ହୋଇ ମନକୁ ଦୃଢ଼ କଲା । ସ୍ଥିର କରିନେଲା ଯେ ଘର ର ଏ ଦାରିଦ୍ର୍ୟ କୁ ସେ ନିଶ୍ଚୟ ଦୂର କରିବ ।ବାସ୍ ,ତା'ପରଠାରୁ ଜୀବନ ରେ କେବେ ପଛ କୁ ଫେରିନି ସୁରମା ।ମ୍ୟାଟ୍ରିକ ଫାଷ୍ଟ ଡିଭିଜନ ରେ ପାଶ୍ କରିବାପରେ ଶିକ୍ଷକ ଟ୍ରେନିଂ ରେ ଭର୍ତ୍ତି ହୋଇଛି ସେ ।ତାର ଅମାୟିକ ବ୍ୟବହାର ଓ ଆଚରଣରେ ସନ୍ତୁଷ୍ଟ ବେଣୁସାର୍ ଓ ତାଙ୍କ ପରିବାର ସମସ୍ତ ଆର୍ଥିକ ସହାୟତା କରିଛନ୍ତି ତାକୁ ।ସେମାନଙ୍କ ଅକୁଣ୍ଠିତ ସାହାଯ୍ୟ ପାଇ ଦୁଇ ବର୍ଷ ର ସି .ଟି ଟ୍ରେନିଂ ଶେଷ କରିଛି ସୁରମା ।ଟ୍ରେନିଂ ସରିବାର କିଛି ମାସ ଭିତରେ ସହର ଉପକଣ୍ଠ ଏକ ସରକାରୀ ପ୍ରାଇମେରୀ ସ୍କୁଲରେ ଶିକ୍ଷକତା କରିଛି ସେ ।କିଛି ଦିନ ପରେ ନିଜ ସାନଭାଇ କୁ ପାଖରେ ରଖି ତା'ର ପାଠପଢା ଦାୟିତ୍ୱ ମଧ୍ୟ ନେଇଛି ।ଧିରେ ଧିରେ ସମୟ ବଦଳିଛି ସୁରମା ର। ବାପା ଙ୍କ ଚାଷଜମି ରେ ଭଲ ଫସଲ ଅମଳ ହୋଇ ଆର୍ଥିକ ପରିସ୍ଥିତି ବଦଳିଛି ।ସୁରମା ର ବିବାହ ସ୍ଥିର କରିବା ପାଇଁ ତାର ବାପା, ମା,ଇଚ୍ଛା ପ୍ରକାଶ କରିଛନ୍ତି। ।କିନ୍ତୁ ସୁରମା ର ଏକା ଜିଦ୍, ସେ ଆଗି ବିବାହ କରିବ ନାହିଁ ।ବିବାହ କଥା ଚିନ୍ତା କଲେ ତା'ମନରେ ବାପା,ମା'ଙ୍କ ର ସେହି ଅଭାବୀ ଦିନ ଗୁଡିକ ର ଛବି ଜୀବନ୍ତ ହୋଇଉଠେ ।ସାରା ଜୀବନ ସେମାନଙ୍କ ପାଖେ କଟାଇ ତାଙ୍କ ମୁହଁରେ ହସ ଫୁଟାଇବାର ଶପଥ ମନ ଭିତରେ ରଖେ ସୁରମା । କ୍ରମେ ସାନ ଭାଇ କୁ ନିଜ ଗୋଡ଼ ରେ ଠିଆ ହେବାର ସାମର୍ଥ୍ୟ ଯୋଗାଇଦିଏ ସେ ।ବର୍ତ୍ତମାନ ସେ ରୋଜଗାରିଆ ।ବାପା ଓ ମା'ଙ୍କ ପରାମର୍ଶ ରେ ତାର ବିବାହ କାର୍ଯ୍ୟ ସଂପନ୍ନ କରିଛି ସୁରମା ।ଭାବିଥିଲା, ସାନ ଭାଉଜ ଓ ଭାଇ ବାପା , ମା'ଙ୍କୁ ନିଜ ପାଖରେ ରଖି ଦାୟିତ୍ୱବାନ୍ ହେବେ ।କିନ୍ତୁ ସେମିତି କିଛି ହେଲାନାହିଁ ।ବରଂ ବାପା,ମା'ଙ୍କ ପ୍ରତି ସାନ ଭାଇ ଓ ଭାଉଜ ଙ୍କ ର ଉଦାସୀନ ମନୋଭାବ ଦିନ କୁ ଦିନ ବଢ଼ିବାକୁ ଲାଗିଲା ।ସୁରମା ଏସବୁ ଅସହ୍ୟ ମନେକରି ନିଜ ପାଖରେ ବାପା ,ମା' ଙ୍କୁ ଆଣି ରଖିଲା ।ଅନ୍ୟ ମାନଙ୍କ ର ଦାୟିତ୍ୱ କୁ ଠିକ୍ ଭାବେ ତୁଲାଉଥିବା ଲୋକ କୁ ଈଶ୍ୱର କେବେ ବି ଦାୟିତ୍ୱମୁକ୍ତ କରନ୍ତି ନାହିଁ ।ମହମବତୀ କେବଳ ଆଲୋକ ଦେଇ ଜାଣେ,ଅନ୍ଧାର ନୁହେଁ-ସୁରମା ଭାବୁଥିଲା ।ଏଣିକି ସୁରମା ସ୍କୁଲ ଗଲାବେଳେ ମା'ର ହାତ ରନ୍ଧା ଖାଇ ଖୁସି ରେ କହେ 'ଦେଖିଲୁ ,ମା' ମୋ ପରି ଭାଗ୍ୟବାନ ଝିଅ କିଏ ଅଛି, ମା'ର ନଅ ତିଅଣ ଛଅ ଭଜା ସବୁବେଳେ ଖାଇ ପାରୁଛି ! ମା'ଟିକିଏ ହସିଦେଇ ତା' ହାତ କୁ ଟିଫିନ ଡ଼ବାଟି ବଢ଼ାଇ ଦିଅନ୍ତି ।ସୁରମା ର ଆତ୍ମତୃପ୍ତି ବଢ଼ିଯାଏ ।ଖୁସି ରେ ଟିଫିନ ଡ଼ବାଟି ଧରି ସ୍କୁଟିରେ ବସି ସ୍କୁଲ ଆଡ଼? ଆଗେଇ ଯାଏ । ଆଜି ରବିବାର । ବାପାଙ୍କ ର ଡାକ୍ତର ରିପୋର୍ଟ ଉପରେ ଆଖି ପକାଇଲା ସୁରମା । ଏହା ଭିତରେ ତାଙ୍କର ଅସୁସ୍ଥତା ବଢ଼ି ଚାଲିଛି ,ତା ସହିତ ସୁରମାର ଚିନ୍ତା ।ବାପାଙ୍କର ରକ୍ତ ଶର୍କରା ଦିନ କୁ ଦିନ ନିୟନ୍ତ୍ରଣ ବାହାରେ ।ସଂପୂର୍ଣ୍ଣ ଖାଦ୍ୟ ନିୟନ୍ତ୍ରଣ ଆବଶ୍ୟକ । ମଧ୍ୟାହ୍ନ ସମୟରେ ବାପା, ମା'ଙ୍କ ସହ ଖାଇବା ଟେବୁଲ ପାଖରେ ବସିଛି ସୁରମା ।ମା'ଖାଦ୍ୟ ବାଢ଼ିବା ପରେ ତିନି ଜଣ ଯାକ ଖାଇବା ଆରମ୍ଭ କଲେ । ବାପାଙ୍କ ଖାଇବା ସରିଆସୁଥିବାରୁ ମା'ଙ୍କ ଆଡ଼କୁ ନିଜର ଚିରାଚରିତ ଢ଼ଙ୍ଗରେ ସେ କହିଲେ 'ଆଉ ଗଣ୍ଡେ ଭାତ ଦେଲ, ମତେ ଆଜି ବହୁତ ଭୋକ '। ମା'ଏ କଥାରେ ଗମ୍ଭୀର ହୋଇ କହିଲା 'ଓଃ, ଏମିତି ଭୋକିଲା ତୁମେ,ସହଜରେ ତୁମ ପେଟ ପୁରେନି! ' ସୁରମା ମା'କୁ ଚାହିଁଲା ।ମା'ର ଆଖି ଛଳଛଳ ଓ ମୁହଁ ବିଷର୍ଣ୍ଣ ।ଭାବିଲା 'ମା'ଠିକ୍ ଜାଣିଛି ବାପାଙ୍କ ସ୍ୱାସ୍ଥ୍ୟ ଅବସ୍ଥା। ଅତୀତରେ ସେଦିନ ଦାରିଦ୍ର୍ୟ ର ତାଡ଼ନାରେ ବାପା ହାତ ଦେଖାଇ ମା'ଙ୍କୁ ଗଣ୍ଡେ ଭାତ ମାଗିଥିଲେ, ଆଜି କିନ୍ତୁ ଏ ଭୋକ ତାଙ୍କ ପେଟ ର ନୁହେଁ ରୋଗ ର ।' ଅନ୍ତର ଭିତରେ କାନ୍ଦୁଥିଲା ସୁରମା ।

ନରେନ୍ଦ୍ର କୋଣ, ପୁରୀ

ବ୍ଲୁ ହାଫ୍ ପ୍ୟାଣ୍ଟ୍

ବାଉରିବନ୍ଧୁ ଲେଙ୍କା

ଆଜି ରବିବାର । ସବୁ ଉଇକେଣ୍ଡ୍ ଭଳି ଆଜି ମଧ୍ୟ ସୁବ୍ରତ ଜଗିଙ୍ଗ୍ କରିବାକୁ ଯାଇଛନ୍ତି ଏବଂ ଆସିଲା ବେଳକୁ ମାଛ ଆଣିବେ କହିଛନ୍ତି । ସେଥି ପାଇଁ ବୋଧେ ଲେଟ୍ ହେଉଛି । ଏ ପଟେ ଆନି ମୁହଁ ଫୁଲେଇ ବିନା ବ୍ରେକଫାଷ୍ଟ ରେ ବସିଛି । ଆଜି ତାର ଡିମାଣ୍ଡ ହେଲା ଗୋଟେ ନୂଆ ଟ୍ରାକ ସୁଟ୍ ଆଉ ଗୋଟେ ପେୟାର ନୂଆ ସ୍ନ ?ର୍ଟସ ଶୁ । ଏଇ ଦୁଇଟା ନ ହେଲେ ସିଏ କାଲି ଇଣ୍ଟର ସ୍କୁଲ୍ ସ୍ନ ?ର୍ଟସ ମିଟ୍ କୁ ଯିବ ନାହିଁ । ଆଜି ପାପା ଫେରିଲେ ତା'ର ଏ ଡିମାଣ୍ଡ ପୂରଣ ହେବ ନ ହେଲେ ସେ ଭୁକ୍ ହରତାଳ ଚାଲୁ ରଖିବ । ଏପଟେ ପ୍ରତିଭା ମାତ୍ର ଗୋଟିଏ ଦିନ ପାଇଁ ଅଯଥା ଏତେ ଖର୍ଚ୍ଚ କରିବାକୁ ଚାହୁଁ ନାହାନ୍ତି । ତାଙ୍କର କହିବା କଥା , ଆନିର ଦୁଇ ହଳ ଟ୍ରାକ ସୁଟ ଅଛି ଆଉ ଶୁଜ୍ ବି । ଅଯଥା କାହିଁକି ପୁଣି ନୂଆ କିଣା ଯିବ । ଆଜି କାଲିର ପିଲାମାନେ ପଇସାର ମୂଲ୍ୟ ବିଲକୁଲ୍ ବୁଝୁ ନାହାଁନ୍ତି । ପାଟି ଖୋଲିବା ଆଗରୁ ଡିମାଣ୍ଡ ପୂରଣ ହେଇ ଯାଉଛି । ସେଥି ପାଇଁ ଆଡୁଷ୍ଟ୍ କରିବା କଣ ଜାଣୁ ନାହାନ୍ତି । ପ୍ରତିଭା ବି ଭାବି ନେଇଛନ୍ତି, ଏଥର ଯାହା ହେଉ ନା କାହିଁକି ଆନିକୁ କଣ୍ଟ୍ରୋଲକୁ ଆଣିବାକୁ ପଡ଼ିବ । ସେଥିପାଇଁ ତାଙ୍କୁ ଯେତେ କଠୋର ହେବାକୁ ପଡୁନା କାହିଁକି । କିନ୍ତୁ ପୁଣି ଭାବନ୍ତି ଏମାନେ ଆଜିକା ଜେନେରେସନର ପିଲା, ଏମିତି ହଠାତ୍ କଠୋର ହେଲେ ତାର ଓଲଟା ପ୍ରଭାବ ବି ପଡ଼ିପାରେ । ଏବେକାର ପିଲା ଆଉ ସେତେବେଳର ପିଲାଙ୍କ ଭିତରେ ଆକାଶ ପାତାଳ ପ୍ରଭେଦ ରହିଛି । ଏମିତି ଅନେକ କଥା ପ୍ରତିଭାଙ୍କ ମୁଣ୍ଡ ଭିତରେ ଘୁରି ଚାଲିଥାଏ । କେମିତି ଆନିକୁ ବୁଝେଇବେ ସେଇ କଥା ଭାବୁ ଭାବୁ ପ୍ରତିଭା ନିଜର ପିଲାଦିନର ଏକ ସ୍ମୃତି ଭିତରେ ହଜି ଯାଇଛନ୍ତି । ପ୍ରତିଭାଙ୍କୁ ସେତେବେଳେ ବୋଧହୁଏ ୧୧ ରୁ ୧୨ ବର୍ଷ ଭିତରେ ହେଇଥିବ । ପିଲାଦିନେ ପ୍ରତିଭା ବହୁତ ଚଳ ଚଞ୍ଚଳ ଥିଲେ । ପାଠପଢା ସହିତ ଖେଳ ଏବଂ ଅନ୍ୟାନ୍ୟ ସମସ୍ତ ପ୍ରତିଯୋଗିତା ମାନଙ୍କରେ ସର୍ବଦା ଆଗୁଆ ରହୁଥିଲେ । ଯେ କୌଣସି ପ୍ରତିଯୋଗିତାରେ ପ୍ରତିଭାର ଗୋଟେ ପୁରସ୍କାର ନିଶ୍ଚିତ ଏଇ କଥା ସମସ୍ତଙ୍କୁ ଜଣା ଥିଲା । ଘର ସହିତ ସ୍କୁଲରେ ମଧ୍ୟ ଶିକ୍ଷକମାନେ ପ୍ରତିଭା ଉପରେ ବହୁତ ଆଶା ରଖିଥିଲେ । ନିଜ ସ୍କୁଲକୁ ଆଉ ଏକ ଗୌରବ ଆଣି ଦେବା ପାଇଁ ସେଥର ମଧ୍ୟ ସୁଯୋଗ ମିଳିଥାଏ ପ୍ରତିଭାକୁ । ଏଥର କିନ୍ତୁ ପ୍ରତିଭା ଦ୍ୱନ୍ଦ ଭିତରେ ଥାଏ । ଦ୍ୱନ୍ଦ ଏଥିପାଇଁ କି ଯେ ଗୋଟିଏ ପଟେ ଥାଏ ଆନ୍ତଃ ବିଦ୍ୟାଳୟ କ୍ରୀଡା ସମାରୋହ ଏବଂ ଅନ୍ୟ ପଟେ ଥାଏ ଆନ୍ତଃ ବିଦ୍ୟାଳୟ ବକ୍ତୃତା ପ୍ରତିଯୋଗିତା। ପ୍ରତିଭାର ନାଁ ଦୁଇ ପଟେ ଥାଏ । ଦୁଇଟି ପ୍ରତିଯୋଗିତା ଏକା ଦିନରେ ହେଉ ଥାଏ । ପ୍ରଧାନ ଶିକ୍ଷକ ପ୍ରତିଭା ଉପରେ ଶେଷ ନିଷ୍ପତି ଛାଡ଼ି ଥାଆନ୍ତି କି କେଉଁଥିରେ ସେ ଭାଗ ନେବ । ଏଣେ ପ୍ରତିଭା ବହୁ ଚିନ୍ତା କରି ଆନ୍ତଃ ବିଦ୍ୟାଳୟ କ୍ରୀଡା ସମାରୋହରେ ଭାଗ ନେବାପାଇଁ ନିଷ୍ପତ୍ତି ନେଲା । ତାର ଏଇ ନିଷ୍ପତ୍ତି ପଛରେ କେବଳ ତାର ଖେଳ ପ୍ରତି ଆଗ୍ରହ ଥିଲା, ତା ନୁହେଁ ବରଂ ତା ପଛରେ ଥିଲା ଆଉ ଗୋଟିଏ ଭାରି ମଜେଦାର କାରଣ । ଯେହେତୁ ପ୍ରତିଭାର ଖେଳରେ ଆଗ୍ରହ ଥାଏ , ସବୁଦିନ ସକାଳେ ପ୍ରତିଭା ଅଭ୍ୟାସ ପାଇଁ ଖେଳ ପଡିଆ କୁ ଯାଏ । ବଡ଼ ସାନ ଅନେକ ପିଲା ସେଇ ଖେଳ ପଡିଆ କୁ ଆସନ୍ତି । ପ୍ରତିଭା ଜଣେ ଦିଦିଙ୍କୁ ସବୁବେଳେ ଲକ୍ଷ କରେ । ସେ ଜଗିଙ୍ଗ୍ କରିବାକୁ ଆସନ୍ତି ପଡିଆକୁ । ସବୁବେଳେ ଟିପ୍ ଟପ୍ ଥାଆନ୍ତି । ପ୍ରତିଭାକୁ ତାଙ୍କର ଟ୍ରାକ ପ୍ୟାଣ୍ଟ୍ ଟା ଭାରି ପସନ୍ଦ । ଧଳା ପ୍ୟାଣ୍ଟ୍ ରେ ସାଇଡ୍ ରେ ନାଲି କଲର୍ ପାଇପିନ୍ । ଦିଦି ବହୁତ୍ ଷ୍ଟାଇଲିଶ୍ ଦିଶନ୍ତି ସେଥିରେ । ପ୍ରତିଭା ସବୁଦିନ ଅଭ୍ୟାସ ସମୟରେ ତାଙ୍କୁ ଦେଖେ ଆଉ ନିଜକୁ ସେଇଭଳି ଟ୍ରାକ୍ ପ୍ୟାଣ୍ଟ୍ ରେ କଳ୍ପନା କରେ । ସେ ଜାଣିଛି, ଘରେ କହିଲେ ସେମିତି କିଛି ଲାଭ ହେବନାହିଁ ବରଂ ଗୁଡାଏ ଭାଷଣ ଶୁଣିବାକୁ ମିଳିବ । ସେତେବେଳେ ମଧ୍ୟବିତ୍ତ ପରିବାର ମାନଙ୍କରେ ଏଭଳି ଇଚ୍ଛା ଗୁଡ଼ିକ ପୂରଣ ହେବା କଷ୍ଟକର ଥିଲା । ସେତେବେଳେ ଘର ମାନଙ୍କରେ ଆଜିକାଲି ଭଳି ଗୋଟିଏ ଗୋଟିଏ ପିଲା ରହୁ ନଥିଲେ । ସମସ୍ତଙ୍କ ଘରେ ପ୍ରାୟ ତିନି ଚାରି ଭାଇ ଭଉଣୀ । ସମସ୍ତଙ୍କର ଇଚ୍ଛାକୁ ବାଲାନ୍ସ କରି ପୂରଣ କରୁଥିଲେ ଘରର ମୁଖ୍ୟ ବାପା । ତେଣୁ ପ୍ରତିଭାର ଇଚ୍ଛାଟି ତା ମନ ଭିତରେ ହିଁ ରହି ଯାଇଥାଏ । ଆଉ ଏବେ ପ୍ରତିଭାକୁ ମିଳିଛି ଗୋଟେ ସୁଯୋଗ । ଯଦି ସେ ବକ୍ତୃତା ପ୍ରତିଯୋଗିତାକୁ ଛାଡ଼ି ଆନ୍ତଃ ବିଦ୍ୟାଳୟ କ୍ରୀଡା ସମାରୋହରେ ନିଜ ସ୍କୁଲ୍ ର ପ୍ରତିନିଧିତ୍ୱ କରେ , ତେବେ ତା'ର ଇଚ୍ଛାଟା ପୂର୍ଣ୍ଣ ହେବାର ସମ୍ଭାବନା ରହିଛି । ତେଣୁ ସେ ନିଷ୍ପତ୍ତି ନେଲା କି ସିଏ ଇଣ୍ଟର ସ୍କୁଲ୍ ସ୍ନ ?ର୍ଟସ ମିଟ୍ ପାଇଁ ଯିବ । ସେଥିପାଇଁ ତାକୁ ଟାଉନ୍ ବାହାରକୁ ଯିବାକୁ ପଡ଼ିବ । ଏଇଭଳି ଇଭେନ୍ଟ ରେ ସେ ଆଗରୁ କେତେ ଥର ଯାଇଛି । ଯିବା ଆଗରୁ ସ୍କୁଲରୁ ଗୋଟିଏ ଲିଷ୍ଟ୍ ମିଳେ, କଣ ସବୁ ସାଙ୍ଗରେ ନେଇକି ଯିବାକୁ ହେବ । ଏଥର ମଧ୍ୟ ମିଳିଛି । ପୁରା ଲିଷ୍ଟଟା ପଢିବାକୁ ପ୍ରତିଭାର ଧୈର୍ଯ୍ୟ ନଥାଏ । ଲିଷ୍ଟର ପ୍ରଥମ ଭାଗରେ ହିଁ ସ୍ନ ?ର୍ଟସ ଡ୍ରେସ୍ ଦେଖି ମନ ତାର କୁଣ୍ଢେ ମୋଟ । ଏଥର ଆଉ ଘରେ ଜିଦ୍ କରିବାକୁ ପଡ଼ିବନି । ଲିଷ୍ଟ ଅନୁସାରେ ତ ଏ ସବୁ ନେବାକୁ ହିଁ ହେବ । ସେଦିନ ଆଉ ଡେରି କରିନି ପ୍ରତିଭା । ସ୍କୁଲରୁ ଛୁଟି ପରେ ଠିକ୍ ସମୟରେ ଆସି ଘରେ ପହଞ୍ଚି ଯାଇଥିଲା । ଲିଷ୍ଟକୁ ନେଇ ମାଆଙ୍କ ହାତକୁ ବଢେଇ ଦେଇଥିଲା । ସେତେବେଳେ ସବୁ ଫର୍ମାଇସ୍ ମାଆଙ୍କ ଭାୟାରେ ହିଁ ଯାଉଥିଲା । ଆଜିକାଲି ପରି ପିଲାମାନେ ବାପାଙ୍କ ସହିତ ଏତେ ଫ୍ରେଣ୍ଡଲି ହୋଇ ପାରୁ ନଥିଲେ । କିଛିଟା ଡର ଆଉ କିଛିଟା ସମ୍ମାନ ଏମିତି କିଛି ମିଶା ମିଶି ଫିଲିଂସ୍ ଭିତରେ ଗୋଟେ ଡିଷ୍ଟାନସ୍ ରହୁ ଥିଲା । ତା ପରଦିନ ପ୍ରତିଭାର ମନ ବିଲକୁଲ୍ କ୍ଲାସରେ ଲାଗୁ ନଥାଏ ଖାଲି ସମୟକୁ ଅପେକ୍ଷା କରିଥାଏ ସେ , କେମିତି ସ୍କୁଲ୍ ଛୁଟି ହେବ ଆଉ ସେ ଘରକୁ ଯିବ । ଆଜି ବାପା ଅଫିସ୍ ରୁ ଆସିଲା ବେଳକୁ ତାର ଟ୍ରାକ ପ୍ୟାଣ୍ଟ୍ ଆଣିବେ । ସ୍କୁଲ୍ ଛୁଟି ହେଲା... ପ୍ରତିଭା କାହାକୁ କିଛି ନକହି ସିଧା ଘରମୁହାଁ। ଘରେ ପହଞ୍ଚି ଗୋଡ଼ ହାତ ଧୁଆ ଧୁଇ କରି , ସନ୍ଧ୍ୟା ପ୍ରାର୍ଥନା ସାରି ପଢି ବସିଲା ଏଥର । ପାଠରେ ମନ କମ୍ ଆଉ ଘଡି ଉପରକୁ ବାରମ୍ବାର ନଜର ଯାଉଥାଏ ତାର । ଶେଷରେ ସେଇ ସମୟ ଆସିଗଲା ଯେଉଥିପାଇଁ ପ୍ରତିଭା ଅପେକ୍ଷା କରିଥିଲା । ବାପା ଆସିଲେ ଆଉ ତାଙ୍କ ହାତରେ ପ୍ୟାକେଟ ଟିଏ ଦେଖି ପ୍ରତିଭା ମନେ ମନେ ବହୁତ୍ ଖୁସି ହୋଇ ଯାଉଥାଏ । ଉପରେ କିନ୍ତୁ ପାଠ ପଢ଼ିବାର ଅଭିନୟ ଚାଲିଥାଏ । ପ୍ରତିଭା କାନ ପାତି ବସିଥାଏ , କେତେବେଳେ ମାଆ ତାକୁ ଡାକିବେ ଆଉ କହିବେ 'ଦେଖିଲୁ ପିଝିକି ଏଇଟା ହଉଚି ତ ଠିକ୍ ଫିଟିଂ ତୋତେ' । ଶେଷରେ ସେଇ ସମୟବି ଆସିଗଲା। ମାଆ ପ୍ରତିଭାକୁ ଡାକିଲେ ସେ ଘରକୁ। ପ୍ରତିଭାକୁ ଅତି ଖୁସିରେ ଖାଲି ହସ ଲାଗୁଥାଏ । କିନ୍ତୁ ପାଟି ଚାପି ଚାପି ସେ ଘରକୁ ଗଲା । କଣ ହେଲା ବୋଲି ପଚାରୁଥାଏ , ସେପଟେ ନଜରଟା ସେ ମାଟିଆ ରଙ୍ଗର

ମୋ ଓଡ଼ିଶା

ଜୟଦେବ ବିହାରରେ ପଞ୍ଚମୁଖୀ ହନୁମାନ ମନ୍ଦିର ସ୍ଥାପନ

ଭୁବନେଶ୍ୱର (ପିଏନ୍): ଜୟଦେବ ବିହାର ବିକାଶ ପରିଷଦ ପକ୍ଷରୁ ସ୍ଥାନୀୟ ଜୟଦେବ ବିହାର ଲେନ୍-ନଂ-୫ଠାରେ ପଞ୍ଚମୁଖୀ ହନୁମାନ ମନ୍ଦିର ସ୍ଥାପନ କରାଯାଇଛି। ଏହି ମନ୍ଦିରରେ ପାଞ୍ଚ ଫୁଟ ଦୁଇ ଇଞ୍ଚ ଉଚ୍ଚତା ବିଶିଷ୍ଟ ବିଗ୍ରହ ସ୍ଥାପିତ ହୋଇଛି। କେନ୍ଦ୍ରାପଡ଼ାର ଯଶୋବନ୍ତ (ବାବୁଲି) ବେହେରାଙ୍କ ଅକ୍ଳାନ୍ତ ପରିଶ୍ରମ ଓ ପ୍ରଗାଢ ଚେଷ୍ଟା ଯୋଗୁ ମାତ୍ର ଏକ ମାସ ସତେଇଶ ଦିନ ମଧ୍ୟରେ ଏହି ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରତିଷ୍ଠା ହୋଇପାରିଛି। ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ରନ୍‌ମୁଦ, ଅଙ୍କୁରାରୋପଣ, କଳସ ଯାତ୍ରା ଓ କର୍ମାରମ୍ଭ, ବିଗ୍ରହ ପ୍ରତିଷ୍ଠା, ମନ୍ଦିର ପ୍ରବେଶ ଓ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ଦୀର୍ଘ ୫ ଦିନ ଧରି ଚାଲିଥିଲା।

ମନ୍ଦିର ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱରର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଭୁବନେଶ୍ୱର ମହାନଗର ନିଗମର ମେୟର ଶ୍ରୀମତୀ ସୁଲୋଚନା ଦାସ, ଉପ ମେୟର ମଞ୍ଜୁଲତା କଅଁର, ୨୬ ନମ୍ବର ୱାର୍ଡ଼ର କର୍ପୋରେଟର ଶ୍ରୀମତୀ ଭାରତୀ ସିଂ, ଭୁବନେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ପ୍ରଫୁଲ୍ଲ କୁମାର ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ, ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ସାଧାରଣ ସମ୍ପାଦକ ସନତ ମିଶ୍ର, ସାପ୍ତାହିକ ସମ୍ବାଦପତ୍ର 'ଉନ୍ନତି ପଥେ'ର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଜୟଦେବବିହାର ବିକାଶ ପରିଷଦର ସଭାପତି ମିହିର ରଞ୍ଜନ ରଥ ପ୍ରମୁଖ ଯୋଗଦେଇ ଜୟଦେବ ବିହାର ବାସିନ୍ଦାଙ୍କ ଏଭଳି ଉଦ୍ୟମର ଉଚ୍ଚ ପ୍ରଶଂସା କରିଥିଲେ। ଭବିଷ୍ୟତରେ ଏହା ଆଖପାଖ ଅଞ୍ଚଳରେ ଏକ ବୃହତ୍ ଧର୍ମୀୟ ଅନୁଷ୍ଠାନରେ ପରିଣତ ହେବ ଓ ଏହାକୁ ସଂଯୋଗ କରୁଥିବା ରାସ୍ତାଟି ପଞ୍ଚମୁଖୀ ହନୁମାନଙ୍କ ନାମରେ ନାମିତ ହେବ ବୋଲି ସେମାନେ ଆଶା ପ୍ରକାଶ କରିଥିଲେ। ପ୍ରାରମ୍ଭରେ ବିକାଶ ପରିଷଦର ସମ୍ପାଦକ ରବୀନ୍ଦ୍ର କୁମାର ପଲେଇ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

ଏହି ଅବସରରେ ଯଶୋବନ୍ତ ବେହେରାଙ୍କୁ ମନ୍ଦିର ନିର୍ମାଣ ଶିଳ୍ପୀ ସମ୍ମାନ, ଶ୍ରୀମତୀ ରାଜଶ୍ରୀ ରଥଙ୍କୁ ଧର୍ମପରାୟଣା ମହିଳା ସମ୍ମାନ, ଯୁଧିଷ୍ଠିର ସାହୁଙ୍କୁ ସମାଜସେବୀ ସମ୍ମାନ, ଡ଼ାକ୍ତର ସୁରେନ୍ଦ୍ର ନାଥ ସ୍ୱାଇଁ ଓ ଗଙ୍ଗାଧର ବେହେରାଙ୍କୁ କୋଭିଡ଼ ଯୋଦ୍ଧା ସମ୍ମାନ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତିଙ୍କୁ ସ୍ୱେଚ୍ଛାସେବୀ ସମ୍ମାନ, ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଶରତ ଚନ୍ଦ୍ର ବାରିକଙ୍କୁ କଣ୍ଠଶିଳ୍ପୀ ସମ୍ମାନ, ଡଃ ଶକ୍ତିରାଜ ଜାମୁଲାଙ୍କୁ ଧର୍ମପରାୟଣ ବ୍ୟକ୍ତି ସମ୍ମାନ, ବିଜୟ କୁମାର ତ୍ରିପାଠୀଙ୍କୁ ବିଶିଷ୍ଟ ଲେଖକ ସମ୍ମାନ, ମନୋଜ ରଥ, ସିଦ୍ଧାର୍ଥ ଶେଖର ମହାପାତ୍ର, ମହେଶ୍ୱର ଶତପଥୀ ଓ ଦୁଃଶାସନ ସାହୁଙ୍କୁ ଧର୍ମପରାୟଣ ବ୍ୟକ୍ତି ସମ୍ମାନ, ଧୀରେନ୍ଦ୍ର କୁମାର ଦାଶଙ୍କୁ ଧର୍ମ ପ୍ରଚାରକ ସମ୍ମାନ ପ୍ରମୁଖ ୧୪ଜଣଙ୍କୁ ଉପାୟନ, ମାନପତ୍ର ଓ ପଦକ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାଛଡ଼ା ମନ୍ଦିର ନିର୍ମାଣ କାର୍ଯ୍ୟରେ ପୂର୍ଣ୍ଣପ୍ରାଣରେ ସହଯୋଗ କରିଥିବା ରବୀନ୍ଦ୍ର ରାଉତ, ଯୋଗେଶ୍ୱର ମାଝୀ, କପିଳ ସାହୁ, ମିନାକ୍ଷୀ ଷଡ଼ଙ୍ଗୀ, ଉର୍ମିଳା ରାଉତ, ସଲୀଳା ନାୟକ, ସସ୍ମିତା ଦାଶ, ମିନାକ୍ଷୀ ଦଳେଇ, ପ୍ରତିଭା ଦାଶ, ମହେଶ୍ୱର ଦାସ ଓ ଏସ୍‌ଏସ୍ ମହନ୍ତ ପ୍ରମୁଖ ୧୧ଜଣଙ୍କୁ ସମ୍ମାନିତ କରାଯାଇଥିଲା।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଶରତ ଚନ୍ଦ୍ର ବାରିକଙ୍କ ନିର୍ଦ୍ଦେଶନାରେ ଭଜନ ପରିବେଷଣ କରାଯାଇଥିଲା। କଣ୍ଠଶିଳ୍ପୀ ସୁଭଦ୍ରା ଶୁଭଦର୍ଶିନୀ, ସୁବର୍ଣ୍ଣ କୁମାର, ଜୀବନ ଦାସ, ପଦ୍ମଜା ଦାସ ଓ ଗଣେଶ କୁମାରଙ୍କ ସଙ୍ଗୀତ ଅତ୍ୟନ୍ତ ମନୋମୁଗ୍ଧକର ହୋଇଥିଲା। କଣ୍ଠଶିଳ୍ପୀ ସାଇସ୍ମିତା ରଥ ଜଣେ ଭିନ୍ନକ୍ଷମ ହୋଇଥିଲେ ହେଁ ତାଙ୍କ ଭଜନ ଅତ୍ୟନ୍ତ ଉଚ୍ଚକୋଟୀର ଓ ହୃଦୟସ୍ପର୍ଶୀ ହୋଇଥିଲା। ଦୁଇଦିନ ଧରି ହନୁମାନଙ୍କ ଉପରେ ପାଲା ପରିବେଷଣ କରାଯାଇଥିଲା। ମନ୍ଦିର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ସୁରେନ୍ଦ୍ର ନାଥ ଶର୍ମା, ରମେଶ କୁମାର ଶତପଥୀ ଓ ପ୍ରଭାସ ରଞ୍ଜନ ଦାସ ପ୍ରମୁଖ ସହାୟତା କରିଥିଲେ।

ସମୀର ପ୍ରଧାନଙ୍କ ଅକାଳ ବିୟୋଗରେ ସମୂହ ଦୀପଦାନ

ଖୋର୍ଦ୍ଧା (ପିଏନ୍): ଗତ ୨୪ ତାରିଖ ଦିନ ୯ ଘଟିକା ସମୟରେ ସ୍ୱପ୍ନେଶ୍ୱର ମନ୍ଦିର ପରିସରରେ ଥିବା ହନୁମାନ ମନ୍ଦିରରେ ସ୍ୱର୍ଗତଃ ସମୀର ପ୍ରଧାନ, ପୂର୍ବତନ କର୍ପୋରେଟର, ୱାର୍ଡ଼ ନଂ.୧୫, ରେଂଟାଲ କଲୋନୀ, ଭୁବନେଶ୍ୱର ଦୁଇ ଥର କର୍ପୋରେଟର ଭାବେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚିତ ହେବା ସହିତ 'ମୋ ପରିବାର'ର ରାଜ୍ୟ ସହ-ସଂଯୋଜକ ଥିଲେ ଏବଂ ବିଜୁ ଜନତା ଦଳର ଜଣେ ଦକ୍ଷ ସାଂଗଠନିକ ବ୍ୟକ୍ତି ମଧ୍ୟ ଥିଲେ। ଜଣେ ମିଷ୍ଟଭାଷି ପରୋପକାରୀ ବ୍ୟକ୍ତି ଭାବେ ତାଙ୍କର ଖ୍ୟାତି ମଧ୍ୟ ଥିଲା। ଖୋର୍ଦ୍ଧାରେ ଚଳିତ କାଉନ୍‌ସିଲର ନିର୍ବାଚନରେ ସକ୍ରିୟ ଅଂଶଗ୍ରହଣ କରି ସ୍ୱାଧୀନ କାଉନ୍‌ସିଲରମାନଙ୍କୁ ବିଜୁ ଜନତା ଦଳରେ ସାମିଲ କରିବାରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ୮ନଂ. ୱାର୍ଡ଼ର କାଉନସିଲର ଶ୍ରୀ ସୁଶାନ୍ତ କୁମାର ଜେନା ଏବଂ ୯ନଂ. କାଉନସିଲର ରଶ୍ମିତା ବେହେରାଙ୍କ ସ୍ୱାମୀ ଜିତେନ୍ଦ୍ର କୁମାର ବେହେରା, ଖୋର୍ଦ୍ଧା ଜିଲ୍ଲା 'ମୋ ପରିବାର'ର ସହ-ସଂଯୋଜକ ଶ୍ରୀକୁମାର ଖୁଂଟିଆ, ୮ନଂ. ୱାର୍ଡ଼ର ସଭାପତି, ଶେଖ୍ ମୁଜାଫର ବକ୍ସ, ସାମ୍ବାଦିକ ଶରତ ଚନ୍ଦ୍ର ବାରିକ, ଦୁର୍ଗା ପ୍ରସାଦ ଷଡ଼ଙ୍ଗୀ, ଚନ୍ଦନ କୁମାର ସାହୁ ରଘୁ, ପପୁ, ପାପୁନିଙ୍କ ସମେତ ପୂର୍ବତନ କର୍ପୋରେଟର ସମୀର ପ୍ରଧାନଙ୍କ ଅକାଳ ବିୟୋଗରେ ତାଙ୍କର ଆତ୍ମାର ସଦ୍‌ଗତି କାମନା କରି ସମୂହ ଦୀପଦାନ କରି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ସଫେଇ କର୍ମଚାରୀଙ୍କୁ ବର୍ଷାତି ବିତରଣ

କୋଣାର୍କ (ପିଏନ୍): ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ କୋଣାର୍କ ସାହିତ୍ୟ ସଂସଦ ଓ ବସନ୍ତମଂଜରୀ ପାଠାଗାରର ମିଳିତ ଆନୁକୂଲ୍ୟରେ କୋଣାର୍କର ସଫେଇ କର୍ମଚାରୀଙ୍କୁ ବର୍ଷାତି(ରେନ୍ କୋର୍ଟ) ବିତରଣ କରାଯାଇଛି। ଉଭୟ ଆୟୋଜକ ଅନୁଷ୍ଠାନର ସଭାପତି ତ୍ରିବିକ୍ରମ ରାମକୃଷ୍ଣଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୋଣାର୍କ ଏନ୍‌ଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, ପ୍ରାଚୀ ସାହିତ୍ୟ ସଂସଦ ସଭାପତି ଗୋପିନାଥ କର, ରେଡିଓ ନମସ୍କାର ଅଧ୍ୟକ୍ଷ ଏନ୍.ଏ.ଶାହ ଅନସାରୀ, କୋଣାର୍କ ସାହିତ୍ୟ ସଂସଦର ଉପଦେଷ୍ଟା ମନମୋହନ ସ୍ୱାଇଁ, କୋଷାଧ୍ୟକ୍ଷ ଚିତ୍ତରଂଜନ ବିଶ୍ୱାଳ, ସମାଜସେବୀ ନିରଂଜନ ସାହୁ, ଯୋଗ ଶିକ୍ଷକ ବାମଦେବ ଆଲୁକ, କୋଣାର୍କ ସାହିତ୍ୟ ସଂସଦ ସଂପାଦକ ରବୀନ୍ଦ୍ରନାଥ ବାହିନୀପତି, ବସନ୍ତମଂଜରୀ ପାଠାଗାର ସଂପାଦକ ରାମକୃଷ୍ଣ ମହାନ୍ତି ଓ ସମାଜସେବୀ ନିରଂଜନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ସଫେଇ କର୍ମଚାରୀମାନଙ୍କୁ ବର୍ଷାତି ବିତରଣ କରିଥିଲେ। ଏନ୍‌ଏସି କର୍ମଚାରୀ ଧର୍ମପଦ ପରିଡା ଓ ପଞ୍ଚାନନ ଲେଙ୍କା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

କାଳୀ ମନ୍ଦିର ପରିସରରେ ବୃକ୍ଷରୋପଣ

କୋଣାର୍କ (ପିଏନ୍): ସ୍ଥାନୀୟ ମା' ଶ୍ୟାମାକାଳୀ ମନ୍ଦିର ପରିସରରେ ମନ୍ଦିର କମିଟି ପକ୍ଷରୁ ୭୩ତମ ବନମହୋତ୍ସବ ପାଳନ କରାଯାଇଛି। ଏହି ଅବସରରେ ମୁଖ୍ୟ ଅତିଥିରୂପେ କୋଣାର୍କ ଏନ୍‌ଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ ଯୋଗଦେଇ ବୃକ୍ଷପୂଜନ କରିବା ସହିତ ଚାରା ରୋପଣ କରି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଏସିର ଉପାଧ୍ୟକ୍ଷ ସୁରେଶଚନ୍ଦ୍ର ରାଉତରାୟ, କାଉନସିଲର ଇଂ. ନିହାର ରଂଜନ ବେଉରା, କାଉନସିଲର କୃଷ୍ଣପ୍ରିୟା ନାୟକ, ମନ୍ଦିର ପରିଚାଳନା କମିଟିର ଉପଦେଷ୍ଟା ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ସଭାପତି ଦୁଃଶାସନ ନାୟକ, କୋଣାର୍କ ପ୍ରେସକ୍ଲବ ସଭାପତି ଧନଂଜୟ ବେହେରା, ବନପାଳ ଅଜୟ କୁମାର ଦାସ, ପ୍ରାକ୍ତନ ବନପାଳ କାଶିନାଥ ପ୍ରଧାନ, ମନ୍ଦିର କମିଟି ସଦସ୍ୟ ନୃସିଂହ ପ୍ରସାଦ ନାୟକ, ରମେଶଚନ୍ଦ୍ର ଜେନା ଓ ନୃସିଂହ ମୁଦୁଲି ପ୍ରମୁଖ ଉପସ୍ଥିତ ରହି ଚାରା ରୋପଣ କରିଥିଲେ। ମନ୍ଦିର ପରିସରକୁ ବାଡଦ୍ୱାରା ସୁରକ୍ଷିତ କରାଯିବା ପରେ ବନମହୋତ୍ସବ ଅବସରରେ ନିମ, ଅଁଳା, ପିଣ୍ଡାବାଦାମ, କଦମ୍ବ, କରଞ୍ଜ, ବର, ପାଟଳି ଓ ଛୁରିଆନା ଆଦି ବୃକ୍ଷ ଚାରା ରୋପଣ କରାଯାଇଛି।

ସାଧାରଣ ବିଦ୍ୟାଳୟରେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି କରାଯିବାର ଆବଶ୍ୟକତା ନାହିଁ

ଭୁବନେଶ୍ୱର (ପିଏନ୍): ତା୨୮.୦୭.୨୦୨୨ରିଖ ମାନ୍ୟବର ସୁପ୍ରିମକୋର୍ଟ ଦେଇଥିବା ଆଦେଶ ଆଧାରରେ ଓଡ଼ିଶା Special Educator Federation for ଦିବ୍ୟାଙ୍ଗ ସଂଘ ଯେଉଁ ଦାବି କରିଛି ଯେ, ଓଡ଼ିଶାର ୬୪,୦୦୦ରୁ ଅଧିକ ବିଦ୍ୟାଳୟରେ ୮୨,୦୦୦ ସ୍ୱତନ୍ତ୍ର ଯତ୍ନ ଆବଶ୍ୟକ କରୁଥିବା ଛାତ୍ରଛାତ୍ରୀ ଅଛନ୍ତି, ବାସ୍ତବରେ ଏହି ଦାବି ସଂପୂର୍ଣ୍ଣ ଭିତିହିନ ଓ କପୋଳକଳ୍ପିତ। ସ୍ୱତନ୍ତ୍ର ଯତ୍ନ ଆବଶ୍ୟକ କରୁଥିବା ଛାତ୍ର/ଛାତ୍ରୀମାନେ ରାଜ୍ୟରେ ପରିଚାଳିତ ସ୍ୱତନ୍ତ୍ର ବିଦ୍ୟାଳୟରେ ପଢିଆସୁଛନ୍ତି। କିନ୍ତୁ ସାଧାରଣ ବିଦ୍ୟାଳୟରେ ଯେଉଁ ଛାତ୍ର/ଛାତ୍ରୀମାନଙ୍କୁ ଦିବ୍ୟାଙ୍ଗ ବୋଲି କୁହାଯାଉଛି ବାସ୍ତବରେ ସେହି ଛାତ୍ର/ଛାତ୍ରୀମାନେ ଦିବ୍ୟାଙ୍ଗ ମାପକାଠି ଅନୁଯାୟୀ ଦିବ୍ୟାଙ୍ଗ ତାଲିକାଭୁକ୍ତ ହୋଇପାରିବେ ନାହିଁ। ଏହି ସାଧାରଣ ବିଦ୍ୟାଳୟରେ ପଢୁଥିବା ଛାତ୍ର/ଛାତ୍ରୀମାନଙ୍କ ମଧ୍ୟରୁ ଯେଉଁମାନଙ୍କୁ ମୁକ ବଧିର ବୋଲି ଦର୍ଶାଯାଉଛି ସେମାନଙ୍କ ମଧ୍ୟରୁ ୩୦ ପ୍ରତିଶତରୁ କମ୍ ଶ୍ରବଣ ଓ ବାକ୍ ବାଧିତ ଥିବା ଛାତ୍ର/ଛାତ୍ରୀମାନେ ପଢୁଛନ୍ତି। କିନ୍ତୁ ନିୟମ ଅନୁଯାୟୀ ୪୦ ପ୍ରତିଶତରୁ ଊର୍ଦ୍ଧ୍ୱ ଶ୍ରବଣ ଓ ବାକ୍‌ବାଧିତ କ୍ଷତି ଥିଲେ ସେମାନେ ଦିବ୍ୟାଙ୍ଗ ତାଲିକାରେ ସ୍ଥାନ ପାଇବେ। ସେହିଭଳି ଭାବରେ ଶାରୀରିକ ବିକଳାଙ୍ଗ ଓ ଦୃଷ୍ଟିହୀନ ତାଲିକାରେ ସ୍ଥାନ ପାଇବା ପାଇଁ ଯେଉଁ ମାପକାଠି ରହିଛି ତାହାଠାରୁ ବହୁତ କମ୍ କ୍ଷତି ଥିବା ଶାରିରୀକ ବିକଳାଙ୍ଗ ଓ ଦୃଷ୍ଟିହୀନ ଛାତ୍ର/ଛାତ୍ରୀମାନେ ସାଧାରଣ ବିଦ୍ୟାଳୟରେ ପଢୁଛନ୍ତି, ଯେଉଁମାନେ କି ଦିବ୍ୟାଙ୍ଗ ତାଲିକାରେ ସ୍ଥାନ ପାଇବା ପାଇଁ ଯୋଗ୍ୟ ବିବେଚିତ ନୁହଁନ୍ତି।

ଉଲ୍ଲେଖନୀୟ ଯେ, କେନ୍ଦ୍ର ସରକାର ବାର୍ଷିକ ୩୦ କୋଟିରୁ ଅଧିକ ଟଙ୍କା ବିଦ୍ୟାଳୟ ଗଣଶିକ୍ଷା ବିଭାଗକୁ ଦିବ୍ୟାଙ୍ଗ ଛାତ୍ର/ଛାତ୍ରୀମାନଙ୍କ ପାଇଁ ଅନୁଦାନ ଦେଇଥାନ୍ତି ଏବଂ ଏହି ଅନୁଦାନ ଟଙ୍କାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ସାଧାରଣ ବର୍ଗର ଛାତ୍ର/ଛାତ୍ରୀ ପଢୁଥିବା ବିଦ୍ୟାଳୟକୁ ଦିବ୍ୟାଙ୍ଗ ଛାତ୍ର/ଛାତ୍ରୀଙ୍କ ଉଦ୍ଦେଶ୍ୟରେ ଅନୁଦାନ ଟଙ୍କା ଦେଇଥାନ୍ତି।

ସାଧାରଣ ବର୍ଗର ବିଦ୍ୟାଳୟଗୁଡ଼ିକର କର୍ତ୍ତୃପକ୍ଷ ଯେଉଁମାନେ ଦିବ୍ୟାଙ୍ଗ ଛାତ୍ର/ଛାତ୍ରୀ ନୁହଁନ୍ତି ସେମାନଙ୍କୁ ଦିବ୍ୟାଙ୍ଗ ଛାତ୍ର/ଛାତ୍ରୀ ଦର୍ଶାଇ ସେମାନଙ୍କ ନାମରେ ଦିଆଯାଇଥିବା ଅର୍ଥକୁ ଅଯଥା ଅପବ୍ୟୟ କରୁଛନ୍ତି। ତେଣୁ ରାଜ୍ୟରେ ବିଦ୍ୟାଳୟଗୁଡ଼ିକର ଯେଉଁସବୁ ଛାତ୍ର/ଛାତ୍ରୀଙ୍କୁ ମିଥ୍ୟାଭାବେ ଦିବ୍ୟାଙ୍ଗ ଛାତ୍ର/ଛାତ୍ରୀ ଦର୍ଶାଯାଇଛି ସେହି ତାଲିକାକୁ ଆଧାରକରି ଓଡ଼ିଶା Special Educator Federation for ଦିବ୍ୟାଙ୍ଗ ସଂଘ ୮୨,୦୦୦ ଦିବ୍ୟାଙ୍ଗ ଛାତ୍ର/ଛାତ୍ରୀ ସାଧାରଣ ବିଦ୍ୟାଳୟରେ ପଢୁଛନ୍ତି ବୋଲି ଦାବି କରିଛି।

ପ୍ରକାଶଯୋଗ୍ୟ ଯେ, ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ସାଧାରଣ ବିଦ୍ୟାଳୟରେ ପଢୁଥିବା ଦିବ୍ୟାଙ୍ଗ ଛାତ୍ର/ଛାତ୍ରୀ ମାନଙ୍କ ପାଇଁ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ଦେବାଲାଗି ରାଜ୍ୟ ସରକାରଙ୍କୁ ଯେଉଁ ନିର୍ଦ୍ଦେଶ ଦେଇଛନ୍ତି ତାହାକୁ ବିଚାରକୁ ନିଆଗଲେ ଓଡ଼ିଶାର ସାଧାରଣ ବିଦ୍ୟାଳୟରେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି କରାଯିବାର ଆବଶ୍ୟକତା ନାହିଁ। କାରଣ ସାଧାରଣ ବିଦ୍ୟାଳୟରେ ଯେଉଁ ଛାତ୍ରଛାତ୍ରୀମାନଙ୍କୁ ଦିବ୍ୟାଙ୍ଗ ବୋଲି ଦର୍ଶାଯାଉଛି ବାସ୍ତବରେ ସେମାନେ ଦିବ୍ୟାଙ୍ଗ ନୁହଁନ୍ତି। ବାସ୍ତବରେ ଯେଉଁ ଛାତ୍ର/ଛାତ୍ରୀମାନେ ଦିବ୍ୟାଙ୍ଗ ଅଟନ୍ତି ସେମାନଙ୍କ ପାଇଁ ରାଜ୍ୟରେ ୧୧୫ଟି ସ୍ୱତନ୍ତ୍ର ବିଦ୍ୟାଳୟ ପରିଚାଳିତ ହେଉଛି ଏବଂ ଏହିସବୁ ସ୍ୱତନ୍ତ୍ର ବିଦ୍ୟାଳୟରେ ଶତପ୍ରତିଶତ ଦିବ୍ୟାଙ୍ଗ ଛାତ୍ର/ଛାତ୍ରୀମାନେ ଶିକ୍ଷାଗ୍ରହଣ କରିଆସୁଛନ୍ତି ବୋଲି ସତ୍ୟଭାମାଦେବୀ ଓ୍ୱେଲଫେୟାର ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ସୁଶ୍ରୀ ନିରଜାଲକ୍ଷ୍ମୀ ମହାପାତ୍ର ପ୍ରକାଶ କରିଛନ୍ତି।

୭୩ତମ ଜିଲ୍ଲାସ୍ତରୀୟ ବନମହୋତ୍ସବ ପାଳିତ

ଖୋର୍ଦ୍ଧା (ପିଏନ୍): ଜଙ୍ଗଲ ଓ ପରିବେଶ ବିଭାଗ ଆନୁକୂଲ୍ୟରେ ଖୋର୍ଦ୍ଧା ବନଖଣ୍ଡ ପକ୍ଷରୁ ସ୍ଥାନୀୟ ଗୁରୁଜଙ୍ଗ ନଗରବାଟିକା ପରିସର ମଧ୍ୟରେ ୭୩ତମ ଜିଲ୍ଲାସ୍ତରୀୟ ବନମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ପୂର୍ଣ୍ଣିମା ପାଣ୍ଡିଆନଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥିଭାବେ ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତୀ, ସମ୍ମାନିତ ଅତିଥିଭାବେ ଏସପି ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ମନୋଜ କୁମାର ପାତ୍ରୀ, ଉପଜିଲ୍ଲାପାଳ ଆଇ. ଗୌରବ ଶିବାଜୀ ପ୍ରମୁଖ ଯୋଗଦେଇ ପ୍ରକୃତିରେ ବୃକ୍ଷ ଆବଶ୍ୟକତା ଏବଂ ଜଙ୍ଗଲ ଅବକ୍ଷୟ ହେବାଦ୍ୱାରା ପ୍ରକୃତି ଉପରେ କ'ଣ କୁପ୍ରଭାବ ପଡୁଛି ତାହାଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉପସ୍ଥିତ ଅତିଥିମାନେ ନଗରବାଟିକା ପରିସରରେ ଚାରା ରୋପଣ କରିଥିଲେ। ପରେ ବିଜେବି ହାଇସ୍କୁଲ ଏନସିସି କ୍ୟାଡେଟମାନେ ସେହି ଅଂଚଳରେ ଏନସିସି ଅଫିସର ବିଭୁପ୍ରସାଦ ବଳିୟାରସିଂହଙ୍କ ନିର୍ଦ୍ଦେଶକ୍ରମେ ହରିଡ଼ା, ବାହାଡ଼ା, ଅଁଳା, ନିମ୍ବ, କର ପ୍ରଭୃତି ଶତାଧିକ ଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମକୁ ସହକାରୀ ବନସଂରକ୍ଷକ ଅସିତ କୁମାର ମିଶ୍ର ପରିଚାଳନା କରିଥିବାବେଳେ ସହକାରୀ ବନସଂରକ୍ଷକ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ଏଥିରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲୁଗାଁ ରେଂଜର ପ୍ରତାପ ମହାନ୍ତି, ରଣପୁର ରେଂଜର ସୁବ୍ରତ କୁମାର ବେହେରା, ବାଲିପାଟଣା ରେଂଜର ମାନସରଂଜନ ମହାନ୍ତି, ଖୋର୍ଦ୍ଧା ରେଂଜର ଜୟକୃଷ୍ଣ ପଣ୍ଡାଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ସାମିଲ ହୋଇଥିଲେ।

ସେବା ସମବାୟ ସମିତିର ସଭାପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ଖୋର୍ଦ୍ଧା (ପିଏନ)- ବେଗୁନିଆ ବ୍ଲକର ବଡବେରଣା ସେବା ସମବାୟ ସମିତିର ସଭାପତି ପରମାନନ୍ଦ ମହାପାତ୍ର, ପଙ୍ଗାରସିଂହ ସେବା ସମବାୟ ସମିତିର ସଭାପତି ସୁକାନ୍ତ କୁମାର ଜୟସିଂହ, ଶଗଡଭଙ୍ଗା ବେତରଜଙ୍ଗ ସେବା ସମବାୟ ସମିତିର ସଭାପତି ସୁରେନ୍ଦ୍ରନାଥ ବେହେରା, ଡାଳତୋଳା ସେବା ସମବାୟ ସମିତିର ସଭାପତି ପ୍ରଦୀପ କୁମାର ବାରିକ ଓ ବେଗୁନିଆ ପଂଚାୟତର ସମିତି ସଭ୍ୟ ପ୍ରକାଶ ଚନ୍ଦ୍ର ବଳିୟାରସିଂହଙ୍କ ନେତୃତ୍ୱରେ ରାଧାକାନ୍ତପୁର ପଂଚାୟତ ଅନ୍ତର୍ଗତ କାଳିକା ପ୍ରସାଦ ସେବା ସମବାୟ ସମିତିର ସଭାପତି ରମେଶ ଚନ୍ଦ୍ର ପ୍ରଧାନ ନିର୍ଦ୍ୱନ୍ଦ୍ୱରେ ସଭାପତି ପଦବୀ ହାସଲ କରି ନିର୍ବାଚିତ ହୋଇଛନ୍ତି। ସେହିପରି ବୋଲଗଡ ବ୍ଲକର ଆରିକମା ସେବା ସମବାୟ ସମିତିର ନୂତନ ସଭାପତି ଭାବେ ଶରତ କୁମାର ପରିଡାଙ୍କ ସମେତ ସଦସ୍ୟ ସୂର୍ଯ୍ୟନାରାୟଣ ପଣ୍ଡା, ସୁକାନ୍ତ କୁମାର ହୋତା, ଜିତେନ୍ଦ୍

ଜିଲ୍ଲାସ୍ତରୀୟ ସ୍ୱାଧିନତା ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ: କୋଭିଡ୍ କଟକଣା ମଧ୍ୟରେ ଅନୁଷ୍ଠିତ ହେବ ସମାରୋହ

କେନ୍ଦୁଝର,(ପି.ଏନ):କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ୭୬ ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ କୋଭିଡ୍ କଟକଣା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲାପାଳ ଆଶିଷ ଠାକରେ ସୂଚନା ଦେଇଛନ୍ତି । ମହାମାରୀ କୋଭିଡ୍‌ର ସଂକ୍ରମଣ ଦୃଷ୍ଟିରୁ କୋଭିଡ୍ ଗାଇଡ୍‌ଲାଇନ୍‌ସ୍ ତଥା ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ଏହା ପାଳନ କରାଯିବ ବୋଲି କହିଛନ୍ତି । ବିଶେଷ କରି ଜନଗହଳି ନକରାଇବା, ସାମାଜିକ ଦୂରତା ଅବଲମ୍ବନ କରିବା ଓ ମୁହଁରେ ମାସ୍କ୍ ବ୍ୟବହାର କରି ଏହି ଜାତୀୟ ଦିବସକୁ ସୀମିତ ସଂଖ୍ୟକ ଅତିଥିଙ୍କ ଉପସ୍ଥିତିରେ ପାଳନ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି । ଜିଲ୍ଲାସ୍ତରୀୟ ସ୍ୱାଧିନତା ଦିବସ ପାଳନ ନିମନ୍ତେ ତାରୀଖ ୦୦୭.୨୦୨୨ରିଖ ଶନିବାର ଅପରାହ୍ନରେ ଜିଲ୍ଲାପାଳ ଶ୍ରୀ ଠାକରେଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟସ୍ଥ ମିନି କନ୍‌ଫରେନ୍‌ସ୍ ହଲ୍‌ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ସୂଚନା ଓ ଲୋକ ସଂପର୍କ ଉପନିର୍ଦ୍ଦେଶକ ସଂଜୀବ ବାରିକ କାର୍ଯ୍ୟସୂଚୀ ସଂପର୍କରେ ବିବରଣୀ ପ୍ରଦାନ କରି ଆଲୋଚନା ଆରମ୍ଭ କରିଥିଲେ । ପ୍ରସ୍ତୁତି ବୈଠକର ନିଷ୍ପତ୍ତି ଅନୁଯାୟୀ ସ୍ୱାଧୀନତା ଦିବସ ଅବସରରେ ପ୍ରତ୍ୟୁଷରେ ରାମଧୂନ୍ ପ୍ରଚାର, ସକାଳ ୭ ଘଟିକାରୁ ଘ୭.୩୦ମି. ମଧ୍ୟରେ ସରକାରୀ ଓ ବେସରକାରୀ ଅନୁଷ୍ଠାନ ତଥା ଶିକ୍ଷାନୁଷ୍ଠାନମାନଙ୍କରେ ଜାତୀୟ ପତାକା ଉତୋଳନ, ସକାଳ ଘ୮.୫୦ମି. ସମୟରେ ମହାପୁରୁଷମାନଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସକାଳ ଘ୯.୧୫ମି. ସମୟରେ କେନ୍ଦୁଝର ଷ୍ଟାଡିୟମ୍‌ଠାରେ ଜିଲ୍ଲାସ୍ତରୀୟ ସମାରୋହରେ ଜାତୀୟ ପତାକା ଉତୋଳନ କରାଯିବ । ସ୍ୱାଧୀନତା ଦିବସ ଦିନ ପୂର୍ବାହ୍ନ ଘ୯.୧୫ ମି. ସମୟରେ କେନ୍ଦୁଝର ଷ୍ଟାଡିୟମ୍‌ଠାରେ ଆୟୋଜିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ସମାରୋହରେ ମୁଖ୍ୟ ଅତିଥି ଜାତୀୟ ପତାକା ଉତୋଳନ କରିବା ସହ ଉଦ୍‌ବୋଧନ ଦେବେ । ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ସୀମିତ ସଂଖ୍ୟକ ଅତିଥିଙ୍କୁ ଜିଲ୍ଲାସ୍ତରୀୟ ସମାରୋହରେ ଯୋଗଦାନ ନିମନ୍ତେ ଆମନ୍ତ୍ରଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ଏହି କ୍ରମରେ ମହାମାରୀ କରୋନା ବିରୁଦ୍ଧରେ ଲଢେଇ ଜାରି ରଖିଥିବା କୋଭିଡ୍ ଯୋଦ୍ଧାମାନଙ୍କୁ ନିମନ୍ତ୍ରଣ କରାଯିବ ବୋଲି ସ୍ଥିରିକୃତ ହୋଇଛି । ଚଳିତ ବର୍ଷ ଜାତୀୟ ପତାକାକୁ ସମ୍ମାନ ଏବଂ ମୁଖ୍ୟ ଅତିଥିଙ୍କୁ ଅଭିବାଦନ ଜଣାଇବା ପାଇଁ ସଶସ୍ତ୍ର ପୋଲିସ୍ ବାହିନୀ, ହୋମଗାର୍ଡସ୍ ଓ ପୋଲିସ୍ ବ୍ୟାଣ୍ଡପାର୍ଟି ଅଂଶ ଗ୍ରହଣ କରିବେ ବୋଲି ନିଷ୍ପତ୍ତି ନିଆଯାଇଛି । ଏତଦ୍ ବ୍ୟତୀତ ସ୍ୱାଧୀନତା ଦିବସ ସମାରୋହର ସୁପରିଚାଳନା ନିମନ୍ତେ ଆଇନ ଶୃଙ୍ଖଳା, ଟ୍ରାଫିକ୍ କଂଟ୍ରୋଲ୍, ଆଶୁ ଚିକିତ୍ସା, ପାନୀୟ ଜଳ ଯୋଗାଣ ଓ ପରିମଳ, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଇତ୍ୟାଦି ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା ହୋଇଥିଲା । ଉକ୍ତ ବୈଠକରେ ଡି.ଏଫ୍.ଓ. ଧନରାଜ୍ ଏଚ୍.ଡି., ଅତିରିକ୍ତ ଜିଲ୍ଲାପାଳ ସୁଷମା ବିଲୁଙ୍ଗ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଂରଚି ପ୍ରସାଦ ଦେହୁରୀ, ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିନାଥ ମୁର୍ମୁ, କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ଏସ୍.ଡି.ପି.ଓ. ପ୍ରକାଶ ଜେମ୍‌ସ୍ ଟୋପ, କେନ୍ଦୁଝରଗଡ ପୌରପାଳିକାର ନିର୍ବାହୀ ଅଧିକାରୀ ଡଃ ମଧୁମିତା ସାମ‘ରାୟ, ଆର୍.ଆଇ ଅଫ୍ ପୋଲିସ୍ ବିମଳ ଚନ୍ଦ୍ର ରାଉତ, ଟିପିଏନ୍‌ଓଡିଏଲ୍ ର ନିର୍ବାହୀ ଯନ୍ତ୍ରୀ ବିରଂଚି ନାରାୟଣ ସାହୁ, ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ରାମେଶ୍ୱର ପାଣିଗ୍ରାହୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସୂଚନାଯୋଗ୍ୟ ଯେ ବିଭିନ୍ନ ସରକାରୀ ଅନୁଷ୍ଠାନ, ବେସରକାରୀ ଅନୁଷ୍ଠାନ ଏବଂ ଶିକ୍ଷାନୁଷ୍ଠାନମାନଙ୍କରେ ତା ୧୫.୦୮.୨୦୨୨ରିଖ ସକାଳ ୭ ଘଟିକାରୁ ସକାଳ ୭.୩୦ ମିନିଟ୍ ମଧ୍ୟରେ ଜାତୀୟ ପତାକା ଉତୋଳନ କରିବା ପାଇଁ ସୂଚନା ଦିଆଯାଇଛି ଏବଂ ଏଥି ନିମନ୍ତେ ସୀମିତ ସଂଖ୍ୟକ କର୍ମଚାରୀ/ବ୍ୟକ୍ତି କୋଭିଡ୍ ଗାଇଡ୍‌ଲାଇନ୍ ଅନୁଯାୟୀ ସାମିଲ୍ କରିବାକୁ ନିଷ୍ପତ୍ତି ନିଆଯାଇଛି ।

ଓଡ଼ିଶା ସରକାରୀ ଚୁକ୍ତିଭିତିକ କର୍ମଚାରୀ ସଂଘର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଜୟପୁର, (ପି.ଏନ): ଓଡିଶା ସରକାରୀ ଚୁକ୍ତିଭିତିକ କର୍ମଚାରୀ ମହାସଂଘର ରାଜ୍ୟ ଶାଖା ସଭାପତି ବିଜୟ ମଲ୍ଲଙ୍କ ନିର୍ଦ୍ଦେଶରେ ଓଡ଼ିଶା ସରକାରୀ ଚୁକ୍ତିଭିତିକ କର୍ମଚାରୀ ମହାସଂଘର କୋରାପୁଟ ଶାଖା ପକ୍ଷରୁ ଆଜି ବିଭିନ୍ନ ଦାବି ନେଇ ଏକ ଦାବିପତ୍ର ଜୟପୁର ସ୍ଥିତ ଅତିରିକ୍ତ ବାଣିଜ୍ୟ ଦ୍ରବ୍ୟ ଓ ସେବାକର କମିଶନର, କୋରାପୁଟ ଚକଲା, ଗୋବିନ୍ଦ ଚନ୍ଦ୍ର ନାୟକଙ୍କୁ ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ଏହି ଦାବିପତ୍ରରେ ଚୁକ୍ତିଭିତିକ ନିଯୁକ୍ତି ଉଚ୍ଛେଦ କରିବା ଓ ଚୁକ୍ତିଭିତିକ ସମୟକୁ ଚାକିରି ଅବଧରେ ଗଣନା କରିବା ଭଳି ୫ ଦଫା ଦାବି ରହିଛି ।ଆଜିର ଏହି କାର୍ଯ୍ୟକ୍ରମକୁ କୋରାପୁଟ ଜିଲ୍ଲା ସଂଘର ସହସମ୍ପାଦକ ଜୟନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଶିବ ଶଙ୍କର ପଣ୍ଡା, ମୋନାଲିସା ସ୍ୱାଇଁ, ସୁନନ୍ଦା ପାଣିଗ୍ରାହୀ, ସଂଜୀବ ପଟ୍ଟନାୟକ, ମନ୍ଦିରା ଜେନା, କୃଷ୍ଣପ୍ରିୟା ଜେନା, ସ୍ମିତା ନାୟକ ଏବଂ ଅନ୍ୟାନ୍ୟ ସରକାରୀ ଚୁକ୍ତିଭିତିକ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ଅତିରିକ୍ତ ବାଣିଜ୍ୟ ଦ୍ରବ୍ୟ ଓ ସେବାକର କମିଶନରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରିଥିଲେ ।

ମିଶନ ଜୀବିକାରେ ବ୍ୟାପକ ଅନୀୟମିତା,କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ

କେନ୍ଦୁଝର,,(ପି.ଏନ): କେନ୍ଦୁଝର ଆଇଟିଡିଏ ଅଧିନରେ ଚାଲିଥିବା ମିଶନ ଜୀବିକା ଏବଂ ବିଭିନ୍ନ ସ୍କିମରେ କୋଟି କୋଟି ଟଙ୍କା ଅନୀୟମିତତା ହେଉଥିବା ନେଇ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡା ଙ୍କ ନିକଟରେ ଅଭିଯୋଗ ହୋଇଛି । ହିତାଧିକାରୀ ମାନଙ୍କୁ ନିମ୍ନମାନର ଜୈବିକ ସାର,ବିହନ, ଔଷଧ ଓ କୃଷି ଯନ୍ତ୍ରପାତି ଯୋଗାଇ ବ୍ୟାପକ ପିସି କାରବାର ହେଉଥିବା ନେଇ ଅଭିଯୋଗ ହୋଇଛି । ଫଳରେ ଚାଷୀଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଲୋକାଭିମୁଖୀ ଯୋଜାନରେ ତଦାରଖ ଅଭାବରୁ ସଠିକ୍ ଭାବେ କାର୍ଯ୍ୟକାରୀ ହୋଇ ପାରୁନାହିଁ । ଗତ ୩ ମାସ ହେବ କେନ୍ଦୁଝର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ରେ ଜଣେ ପ୍ରୋଜେକ୍ଟ ମ୍ୟାନେଜର ନିଯୁକ୍ତି ପାଇଥିଲେ ମଧ୍ୟ ତାଙ୍କ ଦାୟିତ୍ୱ ଦିଆ ନ ଯାଇ ତାଙ୍କ ଅଗୋଚରରେ ବିଭିନ୍ନ କାର୍ଯ୍ୟ କରାଯାଉଛି । ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପକ୍ଷରୁ ମିଶନ ଜୀବିକାରେ ଆଦିବାସୀ ଚାଷୀଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ଯୋଜନାର ତଦାରଖ ପାଇଁ ପ୍ରୋଜେକ୍ଟ ମ୍ୟାନେଜର ନିଯୁକ୍ତି କରାଯାଇଛି । ମିଶନ ଜୀବିକା ଯୋଜନାରେ ଆଦିବାସୀ ଚାଷୀଙ୍କୁ ସ୍ୱାବଲମ୍ବି କରିବା ପାଇଁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯାଇଥାଏ । ଏହାଦ୍ୱାରା ଆଇଟିଡିଏ ଅଧିନରେ ଥିବା ୭ଟି ବ୍ଲକ ତେଲକୋଇ, ବାଂଶପାଳ, କେନ୍ଦୁଝର ସଦର, ହରିଚନ୍ଦନପୁର, ପାଟଣା, ସାହାରପଡା,ଘଟଗାଁ ର ଆଦିବାସୀ ଚାଷୀମାନେ ବିଶେଷ ଭାବେ ଉପକୃତ ହୋଇଥାନ୍ତି । ତେବେ ଏହାର ତଦାରଖ ପାଇଁ ନିଯୁକ୍ତି ପାଇଥିବା ପ୍ରୋଜେକ୍ଟ ମ୍ୟାନେଜର ସଚ୍ଚିଦାନନ୍ଦ ମିଶ୍ର ଙ୍କୁ ଦାୟିତ୍ୱ ଦିଆଯାଉନଥିବାରୁ ୩ ମାସ ହେଲା ବିନା କାମରେ ବସି ରହିଛନ୍ତି । ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ତାଙ୍କୁ ଦାୟିତ୍ୱ ଦେଉନଥିବାରୁ ଜଣେ କନିଷ୍ଠ କର୍ମଚାରୀ ସବଜେକ୍ଟ ମ୍ୟାଟର ସ୍ପେସିଆଲିଷ୍ଟ(ଏସଏମଏସ) ଭାନୁମତୀ ନାୟକ ଏହି ପଦବୀରେ କାମ କରୁଛନ୍ତି । ସେ ଗତ ଏପ୍ରିଲ ମାସ ୩୦ ତାରିଖରେ କାର୍ଯ୍ୟରେ ଯୋଗ ଦେଇଥିଲେ ହେଁ ତାଙ୍କୁ କୌଣସି ଦାୟିତ୍ୱ ଦିଆଯାଉନାହିଁ । ମିଶନ ଜୀବିକାରେ ଗତ ୩ ମାସରେ ଲକ୍ଷ ଲକ୍ଷ ଟଙ୍କା ବିଭିନ୍ନ ଫାର୍ମ କୁ ପଇଠ କରାଯାଇଛି । ତେବେ ଜଣେ ପ୍ରୋଜେକ୍ଟ ମ୍ୟାନେଜର ଥାଇ ମଧ୍ୟ ପୂର୍ବରୁ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଥିବା ବିଜନ କୁମାର ଥମ୍ବ କାହିଁକି ଏସଏମଏସ ମାଧ୍ୟମରେ ସମସ୍ତ କାର୍ଯ୍ୟ କଲେ ତାହା ତଦନ୍ତ କରିବାକୁ ଦାବୀ କରାଯାଇଛି । ମିଶନ ଜୀବିକାରେ ନିମ୍ନ ମାନର ବିହନ,ସାର,କିଟନାଶକ ଔଷଧ ଏବଂ କୃଷି ଯନ୍ତ୍ରପାତି ଦିଆଯାଉଛି ବୋଲି ବହୁ ଆଦିବାସୀ ନେତା ଏବଂ ଚାଷୀ କେନ୍ଦ୍ର ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏହାଦ୍ୱାରା ଚାଷୀ କ୍ଷତିଗସ୍ତ ହେଉଛନ୍ତି । ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବୀ କରାଯାଇଛି ।

ମାଓବାଦୀଙ୍କ ସହିଦ ସପ୍ତାହ ପାଳନର ଦ୍ୱିତୀୟ ଦିନ

ମାଲକାନଗିରି, (ପି.ଏନ): ଜୁଲାଇ ୨୮ ଠାରୁ ଅଗଷ୍ଟ ୩ ତାରିଖ ପର୍ଯ୍ୟନ୍ତ ସହିଦ ସପ୍ତାହ ପାଳନ କରୁଛି ନକ୍ସଲ ସଂଗଠନ । ଆନ୍ଧ୍ର-ଓଡ଼ିଶା ବର୍ଡ଼ର ଜୋନାଲ କମିଟି ମାଓ ସଂଗଠନ ପକ୍ଷରୁ ସହିଦ ସପ୍ତାହ ପାଳନ ସହ ଏହି ବନ୍ଦ ଡାକରା ଦିଆଯାଇଛି । ଏହାର ପ୍ରଭାବରେ ଆଜି ଦ୍ୱିତୀୟ ଦିନରେ ଜିଲ୍ଲାରେ ସରକାରୀ ବସ୍ ଚଳାଚଳ ବନ୍ଦ ରହିଛି । ମାଓବାଦୀଙ୍କ ବନ୍ଦ ଡାକରାକୁ ଦୃଷ୍ଟିରେ ରଖି ଜିଲ୍ଲା ପୋଲିସ ପକ୍ଷରୁ ଆନ୍ଧ୍ର-ଛତିଶଗଡ଼- ତେଲେଙ୍ଗାନା ସୀମା ସିଲ୍ କରାଯାଇଛି । ସେସବୁ ସ୍ଥାନରେ ଯାନବାହନ ଯାଂଚ୍ କୁ କଡ଼ାକଡ଼ି କରାଯାଇଛି । ବର୍ତମାନ ସୁଦ୍ଧା ମାଓବାଦୀ ମାନେ ଓଡ଼ିଶାର କୌଣସି ସ୍ଥାନରେ ହିଂସାକାଣ୍ଡ ଘଟାଇନଥିବା ବେଳେ ସୀମାନ୍ତ ଛତିଶଗଡ଼ରେ ରାସ୍ତା କାମରେ ନିୟୋଜିତ ଥିବା ଗାଡି ଗୁଡିକ ପୋଡି ଦେଇଛନ୍ତି । ଅନ୍ୟପକ୍ଷରେ ମାଓବାଦୀ ସଂଗଠନ ପକ୍ଷରୁ ଗାଁ ଗାଁରେ ଅସ୍ଥାୟୀ ସହିଦ୍ ସ୍ତମ୍ଭ ନିର୍ମାଣ କରି ସେଠାରେ ନାଚଗୀତ କାର୍ଯ୍ୟକ୍ରମର ଆୟୋଜନ କରି ମୃତ ସାଥୀ କମ୍ରେଡଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ପୋଷ୍ଟର, ବ୍ୟାନର ମାଧ୍ୟମରେ ଆହ୍ୱାନ ଦେଇଛନ୍ତି ।

ହୃଦ୍‌ରୋଗଜନିତ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ କେନ୍ଦୁଝର ତରଫରୁ ସାଇ ଜନନୀ କ୍ୟାମ୍ପସ୍ ଭୁବନେଶ୍ୱରକୁ ପ୍ରେରଣ

କେନ୍ଦୁଝର, (ପି.ଏନ): ହୃଦ୍‌ରୋଗଜନିତ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଚିହ୍ନଟ ହୋଇଥିବା ୧୮ ଜଣ ଶିଶୁଙ୍କୁ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ କେନ୍ଦୁଝର ତରଫରୁ ସାଇ ଜନନୀ କ୍ୟାମ୍ପସ୍ ଭୁବନେଶ୍ୱନରକୁ ତା ୨୯.୦୭.୨୦୨୨ରିଖ ଶୁକ୍ରବାର ରାତ୍ରିରେ ପ୍ରେରଣ କରାଯାଇଛି । ଉକ୍ତ ଶିଶୁମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ପରେ ଯେଉଁ ଶିଶୁଙ୍କ ଠାରେ ହୃଦଜନିତ ସମସ୍ୟା ନିରୁପଣ ହେବ, ସେମାନଙ୍କୁ ଉଚ୍ଚତର ଚିକିତ୍ସା ନିମନ୍ତେ ଆର୍.ବି.ଏସ୍.କେ. ମାଧ୍ୟମରେ ମାଗଣାରେ ଉପଲବ୍ଧ ଥିବା ଚିକିତ୍ସା ଯୋଗାଇଦିଆଯିବ । ସୂଚନାଯୋଗ୍ୟ ଯେ ୧୮ ଜଣ ଶିଶୁଙ୍କ ମଧ୍ୟରୁ ଘଟଗାଁ ବ୍ଲକ୍‌ର ୬ ଜଣ, ହରିଚନ୍ଦନପୁର ବ୍ଲକ୍‌ର ୫ ଜଣ, ପାଟଣା ବ୍ଲକର ୩ ଜଣ, ସଦର ବ୍ଲକର ୧ ଜଣ, ହାଟଡିହି ବ୍ଲକ୍‌ର ୧ ଜଣ, ଘଷିପୁରା ବ୍ଲକ୍ ୧ ଜଣ ଏବଂ ଯୋଡା ବ୍ଲକ୍‌ରୁ ୧ ଜଣ ଲେଖାଏଁ ଶିଶୁ ଅଛନ୍ତି । ଶିଶୁ ଏବଂ ତାଙ୍କ ଅଭିଭାବକଙ୍କ ସହିତ ଆୟୁଷ ଡାକ୍ତର ମାନସ କୁମାର ପଣ୍ଡା, ଫାର୍ମାସିଷ୍ଟ୍ ବିଜୟ ମାଧବ ମହାନ୍ତ, ଆର୍.ବି.ଏସ୍.କେ. ମ୍ୟାନେଜର ବିଜନ କୁମାର ସାହୁ ପ୍ରମୁଖ ଶିଶୁ ଏବଂ ଅଭିଭାବକମାନଙ୍କୁ ନେବାଆଣିବା ଏବଂ ସ୍ୱାସ୍ଥ୍ୟ ପରୀକ୍ଷାରେ ସହାୟ୍ୟ କରିବା ପାଇଁ ସାଥିରେ ଯାଇଥିଲେ । । ପ୍ରେରଣ ସମୟରେ ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡାଃ କିଶୋର କୁମାର ପୃଷ୍ଟି, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାଃ ଲଲାଟେନ୍ଦୁ ନାୟକ ପ୍ରମୁଖ ଉପସ୍ଥିତ ରହି ଶିଶୁମାନଙ୍କୁ ପ୍ରେରଣ କରିବାରେ ସହଯୋଗ କରିଥିଲେ ।

ଗମ୍ଭୀକୋଣ୍ଡା ମୁଖ୍ୟ କେନାଲରେ ଘାଇ, ବ୍ୟାପକ ଫସଲ ନଷ୍ଟ

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲ୍ଲା ପୋଟେରୁ ବୃହତ ଜଳସେଚନ ବିଭାଗ ଅଧିନସ୍ଥ ଏମଭି ୭୯ ସବଡିଭିଜନର ଏମପିଭି ୭୫ ଗ୍ରାମ ନିକଟରେ ଆଜି ସକାଳୁ ଗମ୍ଭୀକୋଣ୍ଡା ମୁଖ୍ୟ କେନାଲରେ ଘାଇ ହୋଇ ୨୦ରୁ ୨୫ ଫୁଟ ଓସାରରେ କେନାଲ ବନ୍ଧ ଭାଙ୍ଗିଯାଇଛି । ଫଳରେ ୫୦ରୁ ୬୦ ଏକର ଚାଷଜମିରେ ପାଣି ମାଡି ଯିବାରୁ ବ୍ୟାପକ ଫସଲ ନଷ୍ଟ ହୋଇଛି । ଏପରିକି ୫ ଫୁଟ ଉଚ୍ଚରେ ପାଣି ଧାନ ଚାଷଜମିରେ ଲହଡି ମାରୁଛି । ଚାଷ ଜମିରେ ପାଣି ମାଡି ଧାନ ନଷ୍ଟ ହେବାରୁ ଚାଷୀମାନେ ମୁଣ୍ଡରେ ହାତ ଦେଇଛନ୍ତି । ଖବର ପାଇ ବିଭାଗୀୟ ଅଧିକାରୀ, କନିଷ୍ଠ ଯନ୍ତ୍ରୀ ସେଠାରେ ପହଂଚି କେଉଁ ପରିସ୍ଥିତିରେ ଘାଇ ହେଲା ତଦନ୍ତ କରିବାସହ ଘାଇ ହୋଇଥିବା ସ୍ଥାନ କିପରି ବନ୍ଦ କରାଯିବ ସେ ନେଇ ଚାଷୀଙ୍କ ସହ ଆଲୋଚନା କରିଛନ୍ତି । ଅନ୍ୟପକ୍ଷରେ କେନାଲ ରୋଡ କାମବେଳେ ଉଭୟ ପଟେ ଠିକ ଭାବେ ମାଟି ଫିଲିଙ୍ଗ କରାଯାଇ ନଥିବା ଏବଂ ନିମ୍ନ ମାନର କାମ ଯୋଗୁଁ ଏହିପରି ଘାଇ ହୋଇ କେନାଲ ବନ୍ଦ ଭାଙ୍ଗିଲା ବୋଲି ଚାଷୀ ମାନେ ଅଭିଯୋଗ କରିଛନ୍ତି ।

କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀଙ୍କ କେନ୍ଦୁଝର ଜିଲ୍ଲା ଗସ୍ତ

କେନ୍ଦୁଝର,(ପି.ଏନ): କେନ୍ଦ୍ର ଆଦିବାସୀ ବ୍ୟାପର ମନ୍ତ୍ରୀ ଅର୍ଜୁନ ମୁଣ୍ଡା ତା-୨୯.୦୭.୨୦୨୨ରିଖରୁ ୩ ଦିନିଆ କେନ୍ଦୁଝର ଜିଲ୍ଲା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ ଦେବା ସହ ତା-୩୦.୦୭.୨୦୨୨ରିଖ ଦିନ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍ ଠାରେ ବିଭାଗୀୟ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ଉକ୍ତ ସମୀକ୍ଷା ବୈଠକରେ ଜିଲ୍ଲାପାଳ ଆଶିଷ ଠାକରେ ମାନ୍ୟବର ମନ୍ତ୍ରୀଙ୍କୁ ସ୍ୱାଗତ ସମ୍ଭାଷଣ କରିଥିଲେ । ମନ୍ତ୍ରୀ ଶ୍ରୀ ମୁଣ୍ଡା ଏହି ସମୀକ୍ଷା ବୈଠକରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ଉଦ୍‌ବୋଧନ ଦେଇ ଆଦିବାସୀ ମାନଙ୍କର ସାମଗ୍ରୀକ ବିକାଶ ଓ ସେମାନଙ୍କର ଅଧିକାର ସୁରକ୍ଷା ଏବଂ ମାନବ ସମ୍ବଳ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ମର୍ମରେ କାର୍ଯ୍ୟ କରିବାକୁ ସମ୍ପୃକ୍ତ ଅଧିକାରୀ ମାନଙ୍କୁ କହିଥିଲେ । କେନ୍ଦ୍ର ସରକାରଙ୍କ ଆଦାବସୀ ବ୍ୟାପାର ମନ୍ତ୍ରୀ ହିସାବରେ ବିଭିନ୍ନ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆଦିବାସୀ ମାନଙ୍କର କଲ୍ୟାଣ ପାଇଁ ଏବଂ ଆଦିବାସୀ ଅଂଚଳର ବିକାଶ ପାଇଁ ଯେଉଁ ସହୁ କାର୍ଯ୍ୟକ୍ରମ ଚାଲୁରହିଛି, ବିଭିନ୍ନ ଯୋଜନାର କିପରି ରୂପାୟନ ହେଉଛି ତାହା ପରିଖିବା ପାଇଁ ସେ ବିଭିନ୍ନ ଜିଲ୍ଲା ଗସ୍ତ କରୁଛନ୍ତି ବୋଲି ମନ୍ତ୍ରୀ କହିଥିଲେ । ଆଦିବାସୀ ତଥା ଆଦିବାସୀ ଅଂଚଳର ବିକାଶ ପାଇଁ ବର୍ତ୍ତମାନ ଇଣ୍ଟରନେଟ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବାରୁ ଜିଲ୍ଲାର ଅଗମ୍ୟ ତଥା ଆଦିବାସୀ ଅଂଚଳରେ ବିଏସ୍‌ଏନ୍‌ଏଲ ତରଫରୁ ଏଥି ନିମନ୍ତେ ଆଶୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଆଦିବାସୀ ମାନଙ୍କର ବିକାଶ ସମ୍ପର୍କରେ ଜାଣିବା ପାଇଁ ଡାଟାବେସ୍ ପ୍ରସ୍ତୁତ ସହ ଏଥିରେ ଆଧାର କାର୍ଡ ନଂ ସଂଯୋଗ କରିବା ପାଇଁ କହିଥିଲେ । କେନ୍ଦୁଝର ଜିଲ୍ଲା ପ୍ରାକୃତିକ ସମ୍ପଦରେ ଭରପୁର । ଖଣି ଖାଦାନ ଚାଲିଛି ଏବଂ ରାଜ୍ୟ ତଥା ଦେଶର ଅର୍ଥନୀତି ସମୃଦ୍ଧ ହେଉଛି ଏବଂ ଏହି ପରିପ୍ରେକ୍ଷୀରେ ଆଦିବାସୀ ମାନଙ୍କର ବିକାଶ ମଧ୍ୟ ଅଧିକ ତ୍ୱରାନ୍ୱୀତ ହେବା ଆବଶ୍ୟଖ ବୋଲି ମନ୍ତ୍ରୀ କହିବା ସହିତ ଏ ଦିଗରେ ପ୍ରଶାସନ ତଥା ବିଭାଗୀୟ ଅଧିକାରୀମାନେ ନିଷ୍ଠାବାନ ହ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK
ପର୍ଯ୍ୟବେକ୍ଷକ

Bhubaneswar Sunday July 31, 2022 | ଭୁବନେଶ୍ୱର ରବିବାର, ଜୁଲାଇ ୩୧,୨୦୨୨ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com | ୮

କୋଷ୍ଟଗାର୍ଡ ଓ ଏନ୍.ସି.ସି.(ନାଭାଲ) ପକ୍ଷରୁ ପାରାଦୀପ ସମୁଦ୍ର ବେଳାଭୂମି ସଫେଇ

ପାରାଦୀପ,(ପି.ଏନ): ଭାରତୀୟ କୋଷ୍ଟଗାର୍ଡ ଓ ପାରାଦୀପ ମହାବିଦ୍ୟାଳୟ ନାଭାଲ ଏନ୍.ସି.ସି. ମିଳିତ ଭାବେ ପାରାଦୀପସମୁଦ୍ର ବେଳାଭୂମି ସଫେଇ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ । ଆଜାଦି କି ଅମୃତ ମହୋତ୍ସବ ଓ ପୁନୀତ ସାଗର କାର୍ଯ୍ୟକ୍ରମ ଅର୍ନ୍ତଗତ ଏହି କାର୍ଯ୍ୟକ୍ରମରେ କୋଷ୍ଟଗାର୍ଡର ନିର୍ବାହୀ ଅଧିକାରୀ ସନ୍ତୋଷ ପି.ନାୟର ଯୋଗ ଦେଇ ସାଗର ବେଳାଭୂମି ସଫେଇ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ପାରାଦୀପ ମହାବିଦ୍ୟାଳୟ ନାଭାଲ ଏନ୍.ସି.ସି.ର ଲେଫ୍ଟନାନ୍ଟ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ରଙ୍କ ସମେତ କୋଷ୍ଟଗାର୍ଡର ଅଧିକାରୀ ଓ ନାଭାଲ ଏନ୍.ସି.ସି. କ୍ୟାଡେଟ୍‌ମାନେ ଏହି ସଫେଇ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

ଟ୍ରକ୍-କାର ମୁହାଁମୁହିଁ ଧକ୍କା ଜଣେ ଗୁରୁତର

ଆନନ୍ଦପୁର,(ପି.ଏନ):୨୦ନଂ ଜାତୀୟ ରାଜପଥ ସାଇଁକୁଳ ଫାଣ୍ଡି ନିକଟସ୍ଥ ଖଲଣା ଛକ ଠାରେ ଶୁକ୍ରବାର ଅପରାହ୍ନରେ ଏକ ଗ୍ୟାସ୍ ସିଲିଣ୍ଡର ବୋଝେଇ ୧୨ ଚକିଆ ଟ୍ରକ୍ ସହ କାରର ମୁହାଁମୁହିଁ ଧକ୍କା ହେବା ଫଳରେ କାର ଡ୍ରାଇଭର ଗୁରୁତର ହୋଇଥିବା ବେଳେ ଅନ୍ୟ ଜଣେ ସାମାନ୍ୟ ଆହତ ହୋଇଛନ୍ତି । ଟ୍ରକଟି ଯାଜପୁର ପଟୁ ଆନନ୍ଦପୁର ଆସୁଥିବା ବେଳେ ବିପରୀତ ଦିଗରୁ କାରଟି ଆସୁଥିଲା । ଗୁରୁତର କାର ଡ୍ରାଇଭର ଜଣକ ଘଷିପୁରା ବ୍ଲକ ନରସିଂହପୁର ଗ୍ରାମର ସ୍ମୃତି ରନ ସାହୁ(୩୦) ବୋଲି ଜଣାପଡିଛି । ଅନ୍ୟ ଆହତଙ୍କ ପରିଚୟ ମିଳିପାରି ନାହିଁ । ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗ ଉଭୟ ଆହତଙ୍କୁ ଆମ୍ବୁଲାନ୍ସ ଯୋଗେ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭ□ କରିଥିଲେ ।

ବାବା ଭୈରବାନନ୍ଦ ଇତିହାସ ବିଭାଗ ଶେଷ ବର୍ଷ ଛାତ୍ର ଛାତ୍ରୀଙ୍କୁ ବିଦାୟୀ ସମ୍ବର୍ଦ୍ଧନା

ଦର୍ପଣ,(ପି.ଏନ.): ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ଇତିହାସ ବିଭାଗ ତରଫରୁ ତୃତୀୟ ବର୍ଷ ଛାତ୍ରଛାତ୍ରୀ ମାନଙ୍କ ପାଇଁ ବିଦାୟକାଳୀନ ଉତ୍ସବ ହୋଇଯାଇଛି । ଉକ୍ତ ଉତ୍ସବରେ ବିଭାଗୀୟ ମୁଖ୍ୟ ସଲିଳ ରାଜନନ୍ଦନ ମହାନ୍ତି ସଭାପତିତ୍ୱ କରିଥିଲେ ।ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ ମନୋଜ କୁମାର ଦାସ ମୁଖ୍ୟଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କ ଭବିଷ୍ୟତ ସୁଖମୟ ଶାନ୍ତିମୟ ଓ ଉଜ୍ଜ୍ୱଳମୟ ହେଉବୋଲି ଈଶ୍ୱରଙ୍କ ପାଖରେ କାମନା କରିଥିଲେ । ଇତିହାସର ଛାତ୍ରଛାତ୍ରୀମାନେ ସ୍ଥାନୀୟ ଇତିହାସକୁ ଗବେଷଣା ମାଧ୍ୟମରେ ଜନାଦୃତ କରିବା ପାଇଁ ପରାମର୍ଶ ଦେଇଥିଲେ । ବାରୁଣାବନ୍ତ ପାଦଦେଶରେ ଥିବା କୀର୍ତ୍ତିରାଜିକୁ

ଲୋକଲୋଚନକୁ ଆଣିବା ପାଇଁ ବିଭାଗୀୟ ମୁଖ୍ୟ ଛାତ୍ରଛାତ୍ରୀ ଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ଡ଼ ରେଖାରାଣୀ ଖୁଣ୍ଟିଆ ଓ ନିରାକାର ପାତ୍ର ଯୋଗଦେଇଥିଲେ । ପରିଶେଷରେ ଦ୍ୱିତୀୟ ବର୍ଷ ଓ ପ୍ରଥମ ବର୍ଷ ଛାତ୍ର ଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

ରାଜ୍ୟରେ ମହାମାରୀ ସରକାରଙ୍କ ଉପହାର- ପ୍ରଦେଶ କଂଗ୍ରେସ କମିଟି

ଭୁବନେଶ୍ୱର ,(ପି.ଏନ): ଆଦିବାସୀମାନଙ୍କ ପ୍ରତି ରାଜ୍ୟ ସରକାରଙ୍କ ଉଦାସୀନତା ଓ ଅପାରଗତା ପାଇଁ ବର୍ତମାନ ଆଦିବାସୀ ବହୁଳ ରାୟଗଡ଼ା, କୋରାପୁଟ କଳାହାଣ୍ଡି, ନବରଙ୍ଗପୁର, ଗଜପତି ଓ ନୂଆପଡ଼ା ଜିଲ୍ଲାରେ ମହାମାରୀ ପାଇଁ ଅନେକ ଜୀବନ ଚାଲିଯାଉଛି । ଅନେକ ଯୋଜନାର ଡିଣ୍ଡିମ ପିଟି ଲୋକଙ୍କୁ ଭୂଆଁ ବୁଲାଉଥିବା ଓଡ଼ିଶା ସରକାର ପ୍ରଭାବିତ ଅଂଚଳରେ ନିରୀହ ଆଦିବାସୀମାନଙ୍କୁ ସର୍ବନିମ୍ନ ସୁବିଧା ଯୋଗାଇ ଦେବାରେ ସଂପୂର୍ଣ୍ଣ ବିଫଳ ହୋଇଛନ୍ତି । ବିଭିନ୍ନ ସମୟରେ ସେ ଅଂଚଳରେ ମହାମାରୀ ବ୍ୟାପିବାର ନଜୀର ରହିଥିଲେ ବି ରାଜ୍ୟ ସରକାରଙ୍କ କୁମ୍ଭକର୍ଣ୍ଣ ନିଦରେ ଶୋଇ ରହିବା ତଥା ଆବଶ୍ୟକ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାନଯିବା କାରଣରୁ ଆଜି ସେ ଅଂଚଳରେ ଶହଶହ ଲୋକ ଆକ୍ରା‘ ହେବା ସହ ଅନେକ ଜୀବନ ଅକାରଣରେ ଚାଲିଯାଇଛି । ରାଜ୍ୟ ସରକାର ଏଥିପାଇଁ ସଂପୂର୍ଣ୍ଣ ଦାୟୀ ଓ ଏ ମହାମାରୀର ବିଭିଷିକା ସମ୍ପୂର୍ଣ୍ଣଭାବେ ସରକାରୀ କୃତ ବୋଲି ନିଜ ରିପୋର୍ଟରେ ଉଲ୍ଲେଖ କରିଛନ୍ତି ମହାମାରୀ ପ୍ରଭାବିତ ଅଂଚଳ ଗସ୍ତକରି ଫେରିଥିବା କଂଗ୍ରେସ ତଥ୍ୟ ଅନୁସନ୍ଧାନକାରୀ ଦଳ । ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପୂର୍ବତନ ବିଧାୟକ ଶ୍ରୀ ଭୁଜବଳ ମାଝୀଙ୍କ ଅଧ୍ୟକ୍ଷତାରେ ଓ ପୂର୍ବତନ ସାଂସଦ ଶ୍ରୀ ନକୁଳ ନାୟକଙ୍କ ଆବାହକତ୍ୱରେ ଏକ ପ୍ରତିନିଧି ଦଳ ମହାମାରୀ ପ୍ରଭାବିତ ଅଂଚଳ ଗସ୍ତକରି ପରିସ୍ଥିତିର ଅନୁଧ୍ୟାନ କରିଥିଲେ । ପ୍ରଭାବିତ ଅଂଚଳର ଜନସାଧାରଣ, କ୍ଷତିଗ୍ରସ୍ତ ପରିବାର ଓ ବିଭିନ୍ନ ଚିକିତ୍ସାଳୟରେ ଚିକିତ୍ସିତ ହୋଇଥିବା ଆକ୍ରା‘ଙ୍କ ସହ ଆଲୋଚନା କରିବା ସହ ସ୍ଥାନୀୟ ଅଂଚଳ ବୁଲି ଦେଖିଥିଲେ । ପିସିସି ସଭାପତିଙ୍କୁ କମିଟି ଦେଇଥିବା ରିପୋର୍ଟରେ ଉଲ୍ଲେଖ କରିଛନ୍ତି ଯେ ରାୟଗଡ଼ା ଜିଲ୍ଲାରେ କାଶିପୁର ବ୍ଲକରୁ ଆରମ୍ଭ ହୋଇଥିବା ହଇଜା ଏବେ ଅନେକ ଜିଲ୍ଲାରେ କାୟାବିସ୍ତାର କରୁଥିବା ଦେଖାଯାଇଛି । ଯଦିଓ ପ୍ରଦୂଷିତ ଜଳ ଏହି ରୋଗର ପ୍ରମୁଖ କାରଣ, ତଥାପି ଅନ୍ୟ ଆନୁସଂଗିକ କାରଣ ମଧ୍ୟ ଏହି ମହାମାରୀ ବ୍ୟାପିବା ଓ ଲୋକଙ୍କ ପ୍ରାଣହାନୀ ପାଇଁ ଦାୟୀ । ୨୨ ବର୍ଷ ଶାସନ ପରେ ବି ଆଦିବାସୀ ଭାଇଭଉଣୀ ମାନଙ୍କୁ ପାନୀୟ ଜଳ ମୁନ୍ଦାଏ ଯୋଗାଇ ଦେବାରେ ଏ ରାଜ୍ୟ ସରକାର ସଂପୂର୍ଣ୍ଣ ବିଫଳ ହୋଇଥିବା ବେଳେ ପ୍ରଭାବିତ ଅଂଚଳରେ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ନିସ୍ତେଜ । କାଶିପୁରରେ ଏହି ମହାମାରୀ ଆରମ୍ଭ ହେବା ପୂର୍ବରୁ ସେଠାରେ ନା ଆବଶ୍ୟକ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଥିଲେ ନା ପରିସ୍ଥିତିର ମୁକାବିଲା କରିବାପାଇଁ ଆବଶ୍ୟକ ଭିତିଭୂମି ଅଛି । ସଂପୃକ୍ତ ଅଂଚଳରେ ଅତୀତରେ ବହୁବାର ମହାମାରୀ ଘଟିଥିବା ସତ୍ତ୍ୱେ ରାଜ୍ୟ ସରକାର କୌଣସି ଶିକ୍ଷା ପାଇନାହାଁ ଓ ପଦକ୍ଷେପ ନେବା ପରିବର୍ତେ ଆଦିବାସୀମାନଙ୍କ ମୌଳିକ ସୁବିଧା ପ୍ରତି ସମ୍ପୂର୍ଣ୍ଣ ଆଖି ବନ୍ଦ କରି ଦେଇଛନ୍ତି । ପିସିସି ତଥ୍ୟ ଅନୁସନ୍ଧାନକାରୀ ଦଳର ଅଧ୍ୟକ୍ଷ ଶ୍ରୀ ମାଝୀ, ଆବାହକ ଶ୍ରୀ ନାୟକ, ସଦସ୍ୟ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେଉରା, ବିନୋଦ ପାତ୍ର ଓ ରାୟଗଡ଼ା ଜିଲ୍ଲା କଂଗ୍ରେସ ସଭାପତି ଦୁର୍ଗା ପ୍ରସାଦ ପଣ୍ଡା ପ୍ରମୁଖ ପ୍ରଭାବିତ ଅଂଚଳ ବୁଲି ପରିସ୍ଥିତିର ଅନୁଧ୍ୟାନ କରିଥିଲେ । ଅନୁଧ୍ୟାନ ବେଳେ ଯେଉଁ ତଥ୍ୟ ମିଳିଥିଲା ତାହା ଅତ୍ୟ‘ ଚି‘ାଜନକ ଓ ହୃଦୟ ବିଦାରକ । ରାଜ୍ୟ ସରକାର ମାଳ ମାଳ ଯୋଜନାର ଡିଣ୍ଡିମ ପିଟୁଥିବାବେଳେ, ମହାମାରୀର ମୃତ୍ୟୁବରଣ କରିଥିବା ଅଧିକାଂଶ ପରିବାର ପାଖରେ ଆଧାର, ରେସନ, ଏମଜିନରେଗା, ଆବାସ ଭଳି କୌଣସି ଯୋଜନା ପଂହଚି ପାରିନାହିଁ । ସେମାନଙ୍କ ଆର୍ଥିକ ସ୍ଥିତି ଅତ୍ୟ‘ ଦୟନୀୟ । ମହାମାରୀରେ ଅକାଳରେ ଓ ଅକାରଣରେ ପ୍ରାଣ ହରାଇଥିବା କାଶିପୁର ବ୍ଲକର ଟିକିରି ଗ୍ରାମର ଆଦିବାସୀ ଯୁବତୀ ସରୋଜିନୀ ଝୋଡ଼ିଆ (୨୨)ଙ୍କ ଉଦାହରଣ ସରକାରଙ୍କ ଅବହେଳା ରୂପକ ଭାତ ହାଣ୍ଡିରୁ ଗୋଟିଏ । ସରୋଜିନୀଙ୍କ ପରିବାର ଅତ୍ୟ‘ ଦୟନୀୟ ସ୍ଥିତିରେ ଜୀବନ ଅତିବାହିତ କରୁଥିବା ବେଳେ ନା ସେମାନଙ୍କ ପାଇଁ ରେସନ ଅଛି, ନା ଆଧାର ଅଛି, ନା ଏମଜି ନରେଗା ଅଛି ନା ଆବାସ ଅଛି । ପ୍ରାୟ ୧୨ ଫୁଟରେ ୫ଫୁଟ କୁଡ଼ିଆଘରେ ସରୋଜିନୀଙ୍କ ପାଂଚପ୍ରାଣୀ ପରିବାର ରହିଆସୁଥିବାବେଳେ ସେମାନଙ୍କ ପାଖରେ ଉପରବର୍ଣ୍ଣିତ ବଂଚିବାର ମୌଳିକ ସୁବିଧା ନାହିଁ,ଏହା ପ୍ରଶାସନର ଅପାରଗତାର କାରଣ । ଗରୀବ ଅସହାୟ ଦିନ ମଜୁରିଆଙ୍କ ଘର ପାଖରେ କାମ ଯୋଗାଇବା ପାଇଁ ପୂର୍ବରୁ କଂଗ୍ରେସ ନେତୃତ୍ୱାଧିନ ଉପାସରକାର ଆାରମ୍ଭ କରିଥିବା ଏମଜିନରେଗା କାର୍ଯ୍ୟକ୍ରମର ଶହ ଶହ କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ମୃତକ ସରୋଜୀନୀଙ୍କ ପରିବାର ଭଳି ଶହ ଶହ ପରିବାର (ଯୋଗ୍ୟ ହିତାଧିକାରୀ) ଏ ଯୋଜନାର ସୁଫଳ ପାଇବାରୁ ବଂଚିତ ରହିଛନ୍ତି । ଏହି କାରଣରୁ ଦୂର ଦୂରା‘କୁ ଯାଇ ମଜୁରୀ ଖଟୁଥିବା ଏଭଳି ଶହ ଶହ ଯୋଗ୍ୟ ହିତାଧିକାରୀ ସେମାନଙ୍କ ଜୀବିକା ନିର୍ବାହ କରୁଛନ୍ତି । ଯଦି ସପ୍ତାହେରୁ ଉର୍ଦ୍ଧ ଦିନ ଧରି ବର୍ଷା ହୁଏ ତେବେ ସେମାନଙ୍କ ଘରେ ଖାଦ୍ୟ ନଥାଏ ଓ ବୁଲି ଜଳିବାର କ୍ଷମତା ନାହିଁ । ଦୈନିକ ମଜୁରୀ ଆଣି ଚଳୁଥିବା ଏଭଳି ମଣିଷମାନେ ଅନାହରରେ ଛଟପଟ ହୋଇ ମୃତ୍ୟୁବରଣ କରିବା ନିଶ୍ଚିତ । ମହାମାରୀରେ ମୃତ୍ୟୁବରଣ କରିଥିବା ଖବର ଆସିଥିବା ବିଭିନ୍ନ ଗ୍ରାମ ଅଥା ଲଛୁଗୁଡ଼ା, ଡୁଡୁକା, ପାଂଚାଳି ଗ୍ରାମ ମଧ୍ୟ ଗସ୍ତକରି ଅନୁଧ୍ୟାନକାରି ଦଳ ପରିସ୍ଥିତିର ଅନୁଧ୍ୟାନ କରିଥିଲେ । ସେଠାରେ ମଧ୍ୟସ୍ଥିତି ଟିକିରି ଭଳି । ପ୍ରତ୍ୟେକ ଦିନ ଏ ସମସ୍ତ ଅଂଚଳରେ ନୂଆ ନୂଆ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ମୃତକଙ୍କ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି । ଦୁର୍ଭାଗ୍ୟଜନକ ଭାବେ ଏହି ମହାମାରୀ ବ୍ୟାପିବା ଆଗରୁ କାଶୀପୁର ବ୍ଲକର କୌଣସି ଡାକ୍ତରଖାନାରେ ଡାକ୍ତର ନଥିଲେ । ଲଗାତାର ରାଜ୍ୟ ସରକାରଙ୍କ ଦ୍ୱାରା ସେ ଅଂଚଳରେ ସ୍ୱାସ୍ଥ୍ୟସେବା ପ୍ରତି ଅବହେଳା ନିରୀହ ଆଦିବାସୀ ଓ ସ୍ଥାନୀୟ ଜନସାଧାରଣଙ୍କ ମରଣ ମୁହଁକୁ ଠେଲି ଦେଇଛି ବୋଲି କମିଟି ତାର ରିପୋର୍ଟରେ ଉଲ୍ଲେଖ କରିଛି ।

ସଂଭାବନା ଓଡ଼ିଆଣୀ ସମିତିର 'ଚିତଉ ଉତ୍ସବ' ଉଦ୍‌ଯାପିତ

ଭୁବନେଶ୍ୱର,(ପି.ଏନ): ଓଡ଼ିଆମାନଙ୍କର ଅନ୍ୟତମ ପ୍ରମୁଖ ପର୍ବ ଚିତାଲାଗି ଅମାବାସ୍ୟା । ଏହି ଅବସରରେ ପ୍ରତିଟି ଓଡ଼ିଆ ଘରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହେଉଥିବା ଚିତଉ ପିଠାର ଓଡ଼ିଆଙ୍କର ଏହି ପରମ୍ପରାକୁ ଉଜ୍ଜିବୀତ କରି ରଖିବା ଉଦ୍ଦେଶ୍ୟରେ ସଂଭାବନା ଓଡ଼ିଆଣୀ ସମିତି ପକ୍ଷରୁ ଚିତାଲାଗି ଅମାବାସ୍ୟା ଅବସରରେ ଉଦ୍‌ଘାଟିତ ତିନିଦିନିଆ 'ଚିତଉ ଉତ୍ସବ' ଏକାମ୍ର ହାଟର ହୋଟେଲ ସୌକିନ୍ ଠାରେ ଉଦ୍‌ଯାପିତ ହୋଇଯାଇଛି ।

ସର୍ପ ଘାତରେ ଯୁବକଙ୍କର ମୃତ୍ୟୁ

ଦର୍ପଣ,(ପି.ଏନ.): ଚଣ୍ଡିଖୋଲ ଫାଣ୍ଡି ଅନ୍ତର୍ଗତ ବେଣାପୁର ଗ୍ରାମର ଲକ୍ଷ୍ମୀଧର ନାୟକଙ୍କ ପୁଅ ମାନସ ନାୟକ (୩୫) ଆଜି ସର୍ପ ଘାତରେ ମୃତ୍ୟୁ ହେଇଥିବା ଜଣାଯାଇଛ । ମାନସ ଆଜି ସକାଳୁ ଚାଷ କାମରେ ନିଜ ବିଲକୁ ଯାଇଥିବା ସମୟରେ ସେଠାରେ କୌଣସି କୀଟ ତାଙ୍କୁ କାମୁଡି ଦେଇଥିଲା ଓ ପରେ ମାନସ ମତେ କଣ ଗୋଟିଏ କାମୁଡି ଦେଇଥିବା ଘରେ କହିଥିଲେ । ମୋର ଦେହ କଣ ହୋଇଯାଉଛି । ମୋ ମୁଣ୍ଡ ବୁଲାଉଛି

ବୋଲି କହିଥିଲେ । ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରାଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଛନ୍ତି । ଏ ସମ୍ପର୍କରେ ତାଙ୍କ ବଡ ବାପା ଙ୍କ ପୁଅ ଭାଇ ବିଜୟ ନାୟକ ଚଣ୍ଡିଖୋଲ ଫାଣ୍ଡିରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ମାନସଙ୍କରଃ ବର୍ଷର ଝିଅ ଓ ସେ ଜଣେ ଦିନମଜୁରିଆ ଚାଷୀଟିଏ ହେଇଥିବାରୁ ତାଙ୍କୁ ସରକାରୀ ସହାୟତା ଦେବାକୁ ଗ୍ରାମବାସୀମାନେ ସରକାରଙ୍କ ନିକଟରେ ଅନୁରୋଧ କରିଛନ୍ତି ।

ପାରାଦୀପ ସରକାରୀ ଆଇ.ଟି.ଆଇ.ରେ ନାମଲେଖା ଆରମ୍ଭ

ପାରାଦୀପ,(ପି.ଏନ): ପାରାଦୀପଠାରେ ଥିବା ଜଗତସିଂହପୁର ଜିଲ୍ଲାର ଏକମାତ୍ର ସରକାରୀ ଆଇ.ଟି.ଆଇ. (ଶିଳ୍ପ ତାଲିମ ପ୍ରତିଷ୍ଠାନ)ରେ ଚଳିତ ଶିକ୍ଷାବର୍ଷ ପାଇଁ ନାମଲେଖା ଆରମ୍ଭ ହୋଇଛି । ଏଠାରେ ଇଲେକ୍ଟ୍ରିକାଲରେ ୪୦, ଫିଟର ନିମନ୍ତେ ୨୦, ଆଟେଣ୍ଡାଂଟ୍ ଅପରେଟର୍‌ର ୨୦ ଓ ଆସିଷ୍ଟାଣ୍ଟ ସି.ପି. ନିମନ୍ତେ ୨୪ଟିକୁ ମିଶାଇ ମୋଟ୍ ୧୦୪ଟି ସିଟ୍ ନିମନ୍ତେ ନାମଲେଖା ଜାରୀ ରହିଥିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଂଜନ ପଟ୍ଟନାୟକ ସୂଚନା ଦେଇଛନ୍ତି । ଛାତ୍ରଛାତ୍ରୀମାନଙ୍କୁ ଶିଳ୍ପ ପ୍ରଯୁକ୍ତ୍ୟ,ଦକ୍ଷ ଓ କୁଶଳୀ କରିବା ପାଇଁ ଏଠାରେ ଉନ୍ନତମାନର ଯନ୍ତ୍ରପାତି

ଓ ଲାବୋରାଟୋରୀ ଉପକରଣ ରହିଛି । ସସରକାରଙ୍କ ତରଫରୁ ବିଭିନ୍ନ ପ୍ରକାରର ଛାତ୍ରବୃତି ପ୍ରତ୍ୟେକ ବର୍ଗ ଓ ଶ୍ରେଣୀର ପିଲାମାନଙ୍କୁ ଯୋଗାଇ ଦିଆଯିବ । ଏଠାରୁ ଛାତ୍ରଛାତ୍ରୀମାନେ ଉନ୍ନତି ହେଲା ପରେ ପାରାଦୀପରେ ଥିବା ବୃହତ ଶିଳ୍ପସଂସ୍ଥାମାନଙ୍କରେ ନିଯୁକ୍ତିର ସୁଯୋଗ ପାଇ ପାରିବେ । ଜିଲ୍ଲାର ଇଚ୍ଛୁକ ଛାତ୍ରଛାତ୍ରମାନେ ଏହି ବୈଷୟିକ ଅନୁଷ୍ଠାନରେ ପଢିବାର ସୁଯୋଗ ନେବାକୁ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V

FIND THE DIFFERENCE
•Surveillance through CCTV Camera •Small Classes •Congenial Environment •Intimate, Safe & Secured Place •Experienced & loving teachers •Individual attention to each child •Spacious Playground •AC Activity Room •Transport Facilities
TUITION CLASSES for Std I to Std V Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray